## ମାଟ୍ରିକ ପରୀକ୍ଷା ଫଳାଫଳ

# ‘ବେଷ୍ଟ ଟେନ୍’ରେ ସ୍ଥାନ ପାଉଥିବା ବିଦ୍ୟାଳୟରୁ ‘ଏ-୧’ ଛାତ୍ର ନାହାନ୍ତି

**ସମ୍ବଲପୁର, ୩।୫ (ସମିସ)**

ବର୍ଷ ବର୍ଷ ଧରି ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଲେ ସମସ୍ତଙ୍କର ନଜର ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ଉପରେ ରହୁଥିଲା। ଏହି ବିଦ୍ୟାଳୟର ଛାତ୍ରମାନେ ରାଜ୍ୟର ‘ଟପ୍ ଟେନ୍’ରେ ସ୍ଥାନ ଦଖଲ କରୁଥିଲେ। ଏହାସହ ଲେଡିଲୁଇସ ବାଳିକା ହାଇସ୍କୁଲର ଛାତ୍ରୀମାନେ ମଧ୍ୟ ‘ଟପ୍ ଟେନ୍’ ମଧ୍ୟରେ ରହୁଥିଲେ। ତେବେ, ଗତ କେଇବର୍ଷ ହେଲା ସମ୍ବଲପୁରର ବିଭିନ୍ନ ଖ୍ୟାତନାମା ସରକାରୀ ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀମାନେ ରାଜ୍ୟରେ ସ୍ଥାନ ହାସଲ କରିବା ତ ଦୂରର କଥା ଜଣେ ହେଲେ ‘ଏ୧’ ଗ୍ରେଡ୍ ପାଉନାହାନ୍ତି। ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନ ପାଇବା ଗୋଟିଏ ବଡ଼ କଥା ଭଳି ଲାଗୁଛି। ସରକାରୀ ବିଦ୍ୟାଳୟର ଏଭଳି ପ୍ରଦର୍ଶନ ସ୍ଥଳେ ବେସରକାରୀ ବିଦ୍ୟାଳୟକୁ ଅଭିଭାବକମାନେ ଆକର୍ଷିତ ହେବା ସ୍ୱାଭାବିକ। ଚଳିତବର୍ଷ ମଧ୍ୟ ସମ୍ବଲପୁର ସହରରଗୋଟିଏ ହେଲେ ସରକାରୀ ବିଦ୍ୟାଳୟର ଛାତ୍ର ବା ଛାତ୍ରୀ ‘ଏ୧’ ଗ୍ରେଡ୍ ପାଇ ନ ଥିବାକୁ ନେଇ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସମ୍ବଲପୁର ଜିଲ୍ଲାରେ ମୋଟ ୧୧, ୨୧୦ ଜଣ ଛାତ୍ରଛାତ୍ରୀ ପାସ୍ କରିଥିବାବେଳେ ପାସ୍‌ହାର ରହିଛି ୯୭.୭୯%। ଜିଲ୍ଲାରେ ୪୧ ଜଣ ଛାତ୍ରଛାତ୍ରୀ ‘ଏ୧’ ଗ୍ରେଡ୍ ପାଇଛନ୍ତି। ତନ୍ମଧ୍ୟରେ ସରକାରୀ ହାଇସ୍କୁଲରୁ ମୋଟ ୧୭ ଜଣ ଛାତ୍ରଛାତ୍ରୀ ‘ଏ୧’ ଗ୍ରେଡ୍ ପାଇଥିବାବେଳେ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକରୁ ୨୪ ଜଣ ପାଇଛନ୍ତି। ଏହାବ୍ୟତୀତ ଜିଲ୍ଲାରେ ୩୩୪ ଜଣ ‘ଏ୨’ ଗ୍ରେଡ୍, ୯୩୨ ଜଣ ‘ବି୧’, ୧୯୦୦ ଜଣ ‘ବି୨’, ୨୯୭୭ ଜଣ ‘ସି’, ୩୩୩୮ ଜଣ ‘ଡି’ ଏବଂ ୧୬୮୮ ଜଣ ‘ଇ’ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲ୍ଲାରେ ୨୫୩ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି।

### ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ (୯୭.୮୩%)

ଚଳିତ ମାଟ୍ରିକ ପରୀକ୍ଷାରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରୁ ୧୩୮ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ତନ୍ମଧ୍ୟରୁ ୧୩୫ ଜଣ ପାସ୍ କରିଛନ୍ତି। ବିଦ୍ୟାଳୟର ପାସ୍ ହାର ୯୭.୮୩% ରହିଛି। କେହି ହେଲେ ‘ଏ୧’ ଗ୍ରେଡ୍ ପାଇନାହାନ୍ତି। ୨ ଜଣ ‘ଏ୨’ ଗ୍ରେଡ୍, ୮ ଜଣ ‘ବି୧’, ୧୫ ଜଣ ‘ବି୨’, ୩୧ ଜଣ ‘ସି’, ୫୮ ଜଣ ‘ଡି’ ଏବଂ ୨୧ ଜଣ ‘ଇ’ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି।

### ଲେଡିଲୁଇସ ବାଳିକା ହାଇସ୍କୁଲ (୯୮.୭୩%)

ଚଳିତ ମାଟ୍ରିକ ପରୀକ୍ଷାରେ ଲେଡିଲୁଇସ ବାଳିକା ହାଇସ୍କୁଲରୁ ୨୩୭ ଜଣ ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ତନ୍ମଧ୍ୟରୁ ୨୩୪ ଜଣ ପାସ୍ କରିଛନ୍ତି। ବିଦ୍ୟାଳୟର ପାସ୍ ହାର ୯୮.୭୩% ରହିଛି। କେହି ହେଲେ ‘ଏ୧’ ଗ୍ରେଡ୍ ପାଇନାହାନ୍ତି। ୭ ଜଣ ‘ଏ୨’ ଗ୍ରେଡ୍, ୨୦ ଜଣ ‘ବି୧’, ୩୪ ଜଣ ‘ବି୨’, ୬୦ ଜଣ ‘ସି’, ୬୪ ଜଣ ‘ଡି’ ଏବଂ ୪୯ ଜଣ ‘ଇ’ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୩ ଜଣ ଛାତ୍ରୀ ଫେଲ୍ ହୋଇଛନ୍ତି।

### ନୃସିଂହ ଗୁରୁ ଟାଉନ ହାଇସ୍କୁଲ (୯୦.୧୧%)

ଚଳିତ ମାଟ୍ରିକ ପରୀକ୍ଷାରେ ବାଲିବନ୍ଧା ବାଳିକା ହାଇସ୍କୁଲରୁ ୮୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ୮୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପାସ୍ ହାର ୯୦.୧୧% ରହିଛି। କେହି ହେଲେ ‘ଏ୧’ ଓ ‘ଏ୨’ ଗ୍ରେଡ୍ ପାଇନାହାନ୍ତି। ୪ ଜଣ ‘ବି୧’, ୩ ଜଣ ‘ବି୨’, ୨୦ ଜଣ ‘ସି’, ୩୮ ଜଣ ‘ଡି’ ଏବଂ ୧୭ ଜଣ ‘ଇ’ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୪ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି।

### ବୁଢ଼ାରଜା ସରକାରୀ ହାଇସ୍କୁଲ (୧୦୦%)

ଚଳିତ ମାଟ୍ରିକ ପରୀକ୍ଷାରେ ବୁଢ଼ାରଜା ସରକାରୀ ହାଇସ୍କୁଲରୁ ୧୦୩ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପାସ୍ ହାର ୧୦୦% ରହିଛି। କେହି ହେଲେ ‘ଏ୧’ ଗ୍ରେଡ୍ ପାଇନାହାନ୍ତି। ୪ ଜଣ ‘ଏ୨’ ଗ୍ରେଡ୍, ୧୫ ଜଣ ‘ବି୧’, ୧୬ ଜଣ ‘ବି୨’, ୩୩ ଜଣ ‘ସି’, ୨୫ ଜଣ ‘ଡି’ ଏବଂ ୧୦ ଜଣ ‘ଇ’ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ବାଲିବନ୍ଧା ବାଳିକା ହାଇସ୍କୁଲ (୯୬.୭୨%)

ଚଳିତ ମାଟ୍ରିକ ପରୀକ୍ଷାରେ ବାଲିବନ୍ଧା ବାଳିକା ହାଇସ୍କୁଲରୁ ୬୧ ଜଣ ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ୫୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପାସ୍‌ହାର ୯୬.୭୨% ରହିଛି। କେହି ହେଲେ ‘ଏ୧’ ଗ୍ରେଡ୍ ପାଇନାହାନ୍ତି। ଜଣେ ‘ଏ୨’ ଗ୍ରେଡ୍, ଜଣେ ‘ବି୧’, ୩ ଜଣ ‘ବି୨’, ୧୫ ଜଣ ‘ସି’, ୨୯ ଜଣ ‘ଡି’ ଏବଂ ୧୦ ଜଣ ‘ଇ’ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୨ ଜଣ ଛାତ୍ରୀ ଫେଲ୍ ହୋଇଛନ୍ତି।

### ନାନକରାମ ସରକାରୀ ହାଇସ୍କୁଲ (୯୪.୫୫%)

### ଚକିତ କଲେ ସନ୍ଦିପ ବିଶି, ପାଇଲେ ‘ଏ-୧’ ଗ୍ରେଡ୍

ଏହି ଅନାମଧେୟ ବିଦ୍ୟାଳୟଟିକୁ ଶିକ୍ଷା ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯାଉ ନ ଥିବାବେଳେ ପ୍ରଥମଥର ପାଇଁ ଜଣେ ଛାତ୍ର ‘ଏ୧’ ଗ୍ରେଡ୍ ପାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଚଳିତ ମାଟ୍ରିକ ପରୀକ୍ଷାରେ ନାନକରାମ ସରକାରୀ ହାଇସ୍କୁଲ, କ୍ଷେତରାଜପୁରରୁ ୫୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ୫୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପାସ୍ ହାର ୯୪.୫୫% ରହିଛି। ଜଣେ ‘ଏ୧’ ଗ୍ରେଡ୍ ପାଇଥିବାବେଳେ, ଜଣେ ‘ଏ୨’ ଗ୍ରେଡ୍, ଜଣେ ‘ବି୧’, ୪ ଜଣ ‘ବି୨’, ୧୪ ଜଣ ‘ସି’, ୧୩ ଜଣ ‘ଡି’ ଏବଂ ୧୮ ଜଣ ‘ଇ’ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି।

## ଗୋଟିଏ ସ୍କୁଲରୁ ସର୍ବାଧିକ ୮ ଜଣ ‘ଏ-୧’

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧନୁପାଲି (୧୦୦%)

ଚଳିତ ମାଟ୍ରିକ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧନୁପାଲିରୁ ୨୨୩ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପାସ୍ ହାର ୧୦୦% ରହିଛି। ୮ ଜଣ ‘ଏ୧’ ଗ୍ରେଡ୍ ପାଇଥିବାବେଳେ, ୨୮ ଜଣ ‘ଏ୨’ ଗ୍ରେଡ୍, ୫୩ ଜଣ ‘ବି୧’, ୬୯ ଜଣ ‘ବି୨’, ୩୩ ଜଣ ‘ସି’, ୧୮ ଜଣ ‘ଡି’ ଏବଂ ୪ ଜଣ ‘ଇ’ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ଶ୍ରୀ ଅରବିନ୍ଦ ସ୍କୁଲ, ସମ୍ବଲପୁର (୧୦୦%)

ଚଳିତ ମାଟ୍ରିକ ପରୀକ୍ଷାରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର (ଏସ୍ଏଆଇଆଇଆର୍), ସମ୍ବଲପୁରରୁ ୬୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପାସ୍ ହାର ୧୦୦% ରହିଛି। ଜଣେ ‘ଏ୧’ ଗ୍ରେଡ୍ ପାଇଥିବାବେଳେ, ଜଣେ ‘ଏ୨’ ଗ୍ରେଡ୍, ୧୩ ଜଣ ‘ବି୧’, ୧୭ ଜଣ ‘ବି୨’, ୧୭ ଜଣ ‘ସି’, ୧୩ ଜଣ ‘ଡି’ ଏବଂ ୩ ଜଣ ‘ଇ’ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ବିଶ୍ୱମ୍ବର ବହିଦାରଙ୍କ ସ୍ମୃତିରେ ମେଗା ରକ୍ତଦାନ ଶିବିର

**ସମ୍ବଲପୁର, ୩।୫ (ସମିସ):** ସୁନ୍ଦର ସ୍ୱାସ୍ଥ୍ୟ ଗୁରୁ, ବିଶିଷ୍ଟ କ୍ରୀଡ଼ା ସଙ୍ଗଠକ, ସାମାଜିକ କର୍ମୀ ସ୍ୱର୍ଗତ ବିଶ୍ୱମ୍ବର ବହିଦାରଙ୍କ ସ୍ମୃତିରେ ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସ୍ୱାଭିମାନ’ ସମ୍ବଲପୁର ପକ୍ଷରୁ ମେଗା ରକ୍ତଦାନ ଶିବିର ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହୀତ ହୋଇଥିଲା। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଡାକ୍ତର ଓ ଟେକ୍‌ନିସିଆନ୍ ମାନେ ଶିବିର ପରିଚାଳନା କରିଥିଲେ। ଶିବିରକୁ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜ ସଂସ୍କାରକ ଡଃ ବିପିନ ବିହାରୀ ନନ୍ଦ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ରକ୍ତଦାନର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ସଚେତନ କରିଥିଲେ।



ସମ୍ବଲପୁର ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ଲୋକପ୍ରିୟ ସମ୍ବଲପୁରୀ ସଙ୍ଗୀତ ତାରକା ଉମାକାନ୍ତ ବାରିକ, ଫଟୋ ସମ୍ପାଦକ ଶଙ୍କର ବେହେରା, ସାମ୍ବାଦିକ ରତ୍ନାକର ଭୋଇ, ସାମ୍ବାଦିକ ଶିବ ଶଙ୍କର ନନ୍ଦ, ବିଶିଷ୍ଟ ବିଜେପି ନେତା ସୁଧିର ବହିଦାର, ମୁକେଶ ଜରିୱାଲ, ସୁଧୀର ମାନସ ମୁଦ୍ରା, ସୂର୍ଯ୍ୟ ପାଣିଗ୍ରାହୀ, ସାମ୍ବାଦିକ ଶୁଭାଶିଷ ପାଢ଼ୀ, ମିନୁ ନାୟକ, ସ୍ୱାଭିମାନ ସମ୍ବଲପୁରର ସମ୍ପାଦକ ଶିଶିର ରଞ୍ଜନ ବହିଦାର ପ୍ରମୁଖଙ୍କ ସହ ‘ସ୍ୱାଭିମାନ’ ସମ୍ବଲପୁରର ସଦସ୍ୟ ସଦସ୍ୟାମାନେ ଶିବିର ଆୟୋଜନରେ ସହଯୋଗ କରିଥିଲେ।

## ମହାକାଳେଶ୍ୱର ବାବାଙ୍କ ଥାଳ ଉଠିଲା



**ସମ୍ବଲପୁର, ୩।୫ (ସମିସ):** ଫାଟକସ୍ଥିତ ମହାମାୟା ମନ୍ଦିର ପରିସର ରେ ଥିବା ମହାକାଳେଶ୍ୱର ବାବାଙ୍କ ଥାଳ ଉଠା କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। କନ୍ୟା ପିତାମାତା ସନ୍ତୋଷ ଚୌଧୁରୀ ଓ ପୁଷ୍ପା ଚୌଧୁରୀ, ବର ପିତାମାତା ଅମୀୟ ସାହୁ ଓ ଆରତୀ ସାହୁଙ୍କ ସମେତ ଶ୍ରୀ ମହାକାଳେଶ୍ୱର ବାବା ଶୀତଳଷଷ୍ଠୀ କମିଟିର କର୍ମକର୍ତ୍ତା ସଭାପତି ବୁଲୁ ବିଶ୍ୱାଳ, ସମ୍ପାଦକ ଶିଳା ଶିବପ୍ରସାଦ, ଉପସଭାପତି ଗୁଣରଞ୍ଜନ ସାଲିମା, ଦୟାନିଧି ପ୍ରଧାନ, ଦେବରାଜ ଓରାମ, ରୁପେଶ କୁଅର, ମୁନା ବାବୁ, ମନ୍ଦିର ପୂଜକ ଦେବବ୍ରତ ପ୍ରସାଦ ମିଶ୍ର, ଉମାଶଙ୍କର ପୂଜାରୀ, ପଣ୍ଡିତ ଲକ୍ଷ୍ମଣ ବେହେରା, ଅଶୋକ ଜାଲ, ପ୍ରଦୀପ ମିଶ୍ର, ଦୀପକ ଦାସ, ଚିତ୍ତ ବିଶ୍ୱାଳ, ଦିଲୀପ ମୁଣ୍ଡା, ବିକ୍ରମ ପ୍ରଧାନ, ନୀଳାଚଳ ପଣ୍ଡା, ରାଧାକୃଷ୍ଣ କର, ସୌରୀ ପାଣିଗ୍ରାହୀ, ବଦ୍ରି ମିଶ୍ର, ପ୍ରତାପ ନାଥ, ଗୋପାଳକୃଷ୍ଣ ପାଢ଼ୀ, ଦିଲୀପ ମୁଣ୍ଡା, ନୀଳାଚଳ ପଣ୍ଡା, ଭବାନୀପ୍ରସାଦ ମିଶ୍ର, ପ୍ରବୀଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଚଳିତବର୍ଷ ଶୀତଳଷଷ୍ଠୀ ଯାତ୍ରାର ଶୋଭାଯାତ୍ରାକୁ ଅଧିକ ଭବ୍ୟ ଓ ଆକର୍ଷଣୀୟ କରାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ।

## ସଞ୍ଚାର ମାଧ୍ୟମରେ ଦୁଃଖନାଶନ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୩।୫ (ସମିସ) :** ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ପଶ୍ଚିମ ଓଡ଼ିଶା ଲୋକ କଳାକାର ମହାସଂଘର ମିଳିତ ଆନୁକୂଲ୍ୟରେ ସଞ୍ଚାର କଳାକାର ସ୍ୱର୍ଗତ ଦୁଃଖନାଶନ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ସଭା ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଞ୍ଚାର ପରିବେଷଣ କରି ବର୍ଷିଆନ କଳାକାର ଗୁରୁଶ୍ରୀ ଅଲେଖ ସାହୁ, ଗୁରୁଶ୍ରୀ ଫକୀର ପ୍ରଧାନ ଓ ଗୁରୁଶ୍ରୀ ଅଚ୍ୟୁତ ବେହେରା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିବାସହ ସ୍ୱର୍ଗତ ଦୁଃଖନାଶନ ବେହେରାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ଡଃ ଶ୍ୟାମ ସୁନ୍ଦର ଧର, ଜଗଦାନନ୍ଦ ବେହେରା, କୃଷ୍ଣଚନ୍ଦ୍ର ସାହୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୁରୁ ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ଦେବକୁମାର ଅଜମେରିଆ, ସନ୍ତୋଷ ପୃଷେଠଙ୍କ ସହ ବିଶିଷ୍ଟ ଅତିଥି ହେମନ୍ତ ମହାପାତ୍ର, ଡଃ ଦ୍ୱାରିକା ପ୍ରସାଦ ନାୟକ, ବ୍ରଜେନ୍ଦ୍ର ନାୟକ, ପ୍ରଫୁଲ୍ଲ ଦାଶ, ଅପର୍ଣ୍ଣା ପାଢ଼ୀ, ସୁଶୀଲ ଦାସ, ଲଳିତ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ବେହେରାଙ୍କ ପରିବାରର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶା ଲୋକ କଳାକାର



ସଂଘ ସଦସ୍ୟ କୃଷ୍ଣଚନ୍ଦ୍ର ବାଗ, ରତନ ପୂଜାରୀ, ଡଃ ମୋହିତ ସ୍ୱାଇଁ, ଦୀପାଳି ଚୌଧୁରୀ, ଦୁର୍ଗା ଦାଶ, ସପନ ମିଶ୍ର, ମହେଶ ପଟେଲ, ଦିଲୀପ ସାହୁ, ସୁମିତ ପ୍ରଧାନ, କୃଷ୍ଣ ସାହୁ, ମନୋଜ ପ୍ରଧାନ, ଭୋଳା ମହତ୍ତମ, ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସମ୍ବଲପୁରରେ ମହର୍ଷି ନାରଦ ଜୟନ୍ତୀ

**ସମ୍ବଲପୁର, ୩।୫ (ସମିସ) :** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚାର ବିଭାଗ ‘ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା (ପଶ୍ଚିମ) ସମ୍ବଲପୁର ମହାନଗର’ର ତତ୍ତ୍ୱାବଧାନରେ ମହର୍ଷି ନାରଦ ଜୟନ୍ତୀ ଓ ନାରଦ ସମ୍ମାନ ୨୦୨୬ ସଂସ୍କୃତି ଭବନ, କୁଞ୍ଜେଲପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ମହାନଗର ସଂଘଚାଳକ ଦୀପକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ତଥା ବିଦ୍ୱତ୍ ପରିଷଦ ଓଡ଼ିଶାର ସଭାପତି ଡଃ ବାଞ୍ଛାନିଧି ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ପଣ୍ଡା ଆଦ୍ୟ ସାମ୍ବାଦିକ ମହର୍ଷି ନାରଦ ଜୟନ୍ତୀର ବିଶେଷତା ବିଷୟରେ ଆଲୋକପାତ କରିଥିଲେ। ସାମ୍ବାଦିକମାନେ କେବଳ ଖବରଦାତା ନ ହୋଇ ଜ୍ଞାନୀ ଓ ପଣ୍ଡିତ ହେବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଡଃ ପଣ୍ଡା ସମ୍ବାଦିକତା ଓ ମହର୍ଷି ନାରଦଙ୍କ ସାମାଜିକ ଜୀବନରେ ସମ୍ବାଦର ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସମାଜକୁ ସତ୍ୟତା ସହିତ ପରିଚିତ କରେଇବା ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଏକ ସମରସ, ଜାଗରୁକ ସମାଜ ତିଆରିରେ ସମ୍ବାଦିକତାର ଭୂମିକା ବିଷୟ ସେ ରଖିଥିଲେ। ଏହାସହ ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷର ଯାତ୍ରା ବିଷୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବରିଷ୍ଠ ଫଟୋ ସାମ୍ବାଦିକ ଶଙ୍କର ବେହେରା ଓ କଳା କ୍ଷେତ୍ରରେ ପ୍ରଶାନ୍ତ କୁମାର ମାଝୀଙ୍କୁ ଚଳିତବର୍ଷ ‘ନାରଦ ସମ୍ମାନ - ୨୦୨୬’ ପ୍ରଦାନ କରାଯାଇଥିଲା। ମହାନଗର ପ୍ରଚାର ପ୍ରମୁଖ ଜ୍ଞାନ ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ, ସହ ପ୍ରଚାର ପ୍ରମୁଖ ଅରବିନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ୟୋତି ରଞ୍ଜନ ପ୍ରଧାନ, ଅନୁପମ ଶର୍ମା, ଆକାଶ ପାଢ଼ୀ, ସୁବୋଧ ସାହୁ, ସଂଗ୍ରାମ ଶତପଥୀ, ଅବନୀ ସାମଲ, ଡଃ ସତ୍ୟ ଠାକୁର, କମଳ ଲୋଚନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



## ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ

**ସମ୍ବଲପୁର, ୩।୫ (ସମିସ) :** ଆଗାମୀ ବିଶ୍ୱପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରଥମ ବୈଠକ ନନ୍ଦପଡ଼ାସ୍ଥିତ ଶୀତଳଷଷ୍ଠୀ ଯାତ୍ରା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟିର ସଭାପତି ଦିବଂଗତ ଜଗଦୀଶ ପଣ୍ଡାଙ୍କ ସ୍ମୃତିରେ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ୨୦୨୬ ବର୍ଷ ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଭାବେ ସମୀର ରଞ୍ଜନ ବାବୁ, ଉପସଭାପତି ଭାବେ ସୁଶାନ୍ତ ପୁରୋହିତ, କାର୍ଯ୍ୟକାରୀ ସଭାପତି ଭାବେ ଅମୂଲ୍ୟ କୁମାର ମିଶ୍ର ଏବଂ ସମ୍ପାଦକ ଭାବେ ହିମାଂଶୁ ପାଣିଗ୍ରାହୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। କାର୍ଯ୍ୟନିର୍ବାହୀ କମିଟିରେ ଝାଡ଼ୁଆପଡ଼ାର ସତ୍ୟଜିତ ପଣ୍ଡା, ଶୁଭେନ୍ଦୁ ମିଶ୍ର ଓ ଅଭିଷେକ ମିଶ୍ର; ନନ୍ଦପଡ଼ାର ସନ୍ତୋଷ ମିଶ୍ର, ଜିତେନ୍ଦ୍ର ନନ୍ଦ ଓ ସନତ ନନ୍ଦ ଏବଂ ମୁଦିପଡ଼ାର ଭୋଳାଶଙ୍କର ମହନ୍ତମ, ସତ୍ୟକାନ୍ତ ମହାପାତ୍ର ଓ କୃଷ୍ଣଚନ୍ଦ୍ର ପରିଡ଼ାଙ୍କୁ ଚୟନ କରାଯାଇଥିଲା। ବୈଠକରେ ଦିଲୀପ ମିଶ୍ର, ଫଣିଭୂଷଣ ମିଶ୍ର, ସୁନୀଲ କୁମାର ଦାସ, ଖଡିରତ୍ନ ବେହେରା, ପାର୍ଥସାରଥୀ ମିଶ୍ର, ସରୋଜ ଦଳପତ, ମିଲୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



## ମାଳିବାରୀରେ ମାରୁତି ନନ୍ଦନଙ୍କ ପ୍ରତିଷ୍ଠା ଦିବସ



**ସମ୍ବଲପୁର, ୩।୫(ସମିସ):** ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ମାଳିବାରୀରେ ମାରୁତିନନ୍ଦନଙ୍କର ୭ମ ପ୍ରତିଷ୍ଠା ଦିବସ ଧୂମଧାମରେ ପାଳିତ ହେଇଯାଇଛି। ଗତ ୩୦ ତାରିଖ ଝଣ୍ଡା ଯାତ୍ରା ଏବଂ ୧ ତାରିଖ ସକାଳୁ ପୂଜାର୍ଚ୍ଚନା କରାଗଲା। ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଭକ୍ତ ଆଶୀର୍ବାଦ ନେଲେ। ସନ୍ଧ୍ୟାରେ ମହାଆଳତୀ ସହିତ ଗୋପାଳଜୀ ବେଦ ବିଦ୍ୟାଳୟ ଦ୍ୱାରା ବେଦପାଠ ଏବଂ ବିଷ୍ଣୁସହସ୍ର ନାମ ପାଠ ପରେ ଭଜନ ଗାୟିକା କଣ୍ଠଶିଳ୍ପୀ ସୁନିତା ସାହୁ, ଅଳିଭା ଦେହୁରୀ, ସସ୍ମିତା ମହାପାତ୍ର ଏବଂ ପ୍ରଣବ ପାଣ୍ଡେ ଭଜନ ପରିବେଷଣ କରିଥିଲେ। ରାମଦାସ ପଣ୍ଡା ଏବଂ ପତ୍ନୀ କୌଶଲ୍ୟା ପଣ୍ଡା କର୍ତ୍ତା କାର୍ଯ୍ୟ ତୁଲେଇଥିଲେ । ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଜିଏସଟି ଅଫିସର ଆଶିଷ ସାହୁ, କ୍ଷେତରାଜପୁର ଆଇଆଇସି ଅନିଲ ପ୍ରଧାନ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲ, ଜିଲ୍ଲା ବିଜେପି ସମ୍ପାଦକ ସମୀର ବାବୁ, ବିଧାୟକ ଜୟନାରାୟଣ ମିଶ୍ରଙ୍କ ଝିଅ ଶୁଭଶ୍ରୀ ମିଶ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କମିଟିର କାହ୍ନା ଦିବେଦୀ, ଗାନ୍ଧୀ ମେହେର, ବିବେକା ୟୁଆଡ଼ି, ଦିପୁନ ଦିବେଦୀ, ଅଭିନାଶ ସୁପକାର, ସଂଜୀବ ସୁପକାର, ଗୋପାଳ ମେହେର, ଆଶିଷ ରାୟ, ଅଜୁ ସିଂ, ବଣ୍ଟୁ ନାୟକ, ଅଲେଖ ମେହେର, ଗୁପ୍ତେ ରାୟ, ସଞ୍ଜୟ ରାୟ, ମଦନ ରାୟ ତଥା ପଡବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶ୍ରମିକ ଦିବସ



**ସମ୍ବଲପୁର, ୩।୫ (ସମିସ) :** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସମ୍ବଲପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ କାର୍ଯ୍ୟାଳୟ, ଧନକଉଡ଼ାଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ଥିବା ସମସ୍ତ ଯୋଜନା ତଥା ଶ୍ରମ ଆଇନ ବିଷୟରେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ଅବଗତ କରାଯାଇଥିଲା। ସହକାରୀ ଶ୍ରମ ଅଧିକାରୀ, ସମ୍ବଲପୁର, ପାରା ଲିଗାଲ ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ସଂସ୍ଥାର ସଦସ୍ୟ ତଥା ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରମ କାର୍ଡ ବଣ୍ଟନ କରାଯାଇଥିଲା। ଏହାସହ ଜାତୀୟ ଆଇନସେବା ସହାୟତା ନମ୍ବର ୧୫୧୦୦ ବିଷୟରେ ଜଣାଇବାସହ କିପରି ସହଜରେ ଆଇନସେବା ଉପରେ ପରାମର୍ଶ ନେଇପାରିବେ ସେନେଇ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସମ୍ବଲପୁରର ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିଲେ।

# ପଞ୍ଚାୟତରେ ଗଣଧାରଣା: କେନ୍ଦୁପତ୍ର ତୋଳାଳି, କର୍ମଚାରୀ ସାମିଲ

**ସମ୍ବଲପୁର, ୩।୫ (ସମିସ)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନକ୍ରମେ ରାଜ୍ୟର ଅଧିକାଂଶ କେନ୍ଦୁପତ୍ର ଡିଭିଜନରେ ପ୍ରାୟ ୨୦୦୦ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଲକ୍ଷାଧିକ ତୋଳାଳୀ, ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକମାନେ ସେମାନଙ୍କ ପ୍ରତି ହେଉଥିବା ଅବହେଳା ଏବଂ ପ୍ରତାରଣା ବିରୋଧରେ କଳାବ୍ୟାଚ୍ ପରିଧାନ କରି ଗଣଧାରଣାରେ ସାମିଲ ହୋଇଛନ୍ତି। ଏହାସହିତ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ପ୍ରେସ ବିବୃତିରେ ଜଣାଇଛନ୍ତି ଯେ, ସଂଘର ଆହ୍ୱାନ କ୍ରମେ ପ୍ରତି କେନ୍ଦୁପତ୍ର ସଂଗ୍ରହ କେନ୍ଦ୍ରରେ ମଇ ୧ ତାରିଖ ଆନ୍ତର୍ଜାତିକ ଶ୍ରମିକ ଦିବସରେ ତୋଳାଳୀ ତଥା ଶ୍ରମିକ ମାନେ ସମ୍ମିଳିତ ହୋଇ ପ୍ରତିବାଦ ସ୍ୱରୂପ କଳାବ୍ୟାଚ ପରିଧାନ କରିଥିଲେ। ଏହାପରେ ମଇ ୨ ତାରିଖରେ ପ୍ରତି ଗ୍ରାମ ପଞ୍ଚାୟତରେ ଶହ ଶହ ସଂଖ୍ୟାରେ ସକାଳ ୯ଟାରୁ ଗଣଧାରଣାରେ ସାମିଲ ହୋଇଥିଲେ। ଲକ୍ଷାଧିକ ତୋଳାଳୀ, ହଜାର ହଜାର ସିଜିନାଲ କର୍ମଚାରୀ ତଥା ଆନୁସଙ୍ଗିକ ଶ୍ରମିକ ମାନେ ଏଥିରେ ସାମିଲ ହୋଇଥିଲେ। ଅନେକ ଗ୍ରାମ ପଞ୍ଚାୟତରେ ଦଳମତ ନିର୍ବିଶେଷରେ ସରପଞ୍ଚ ଓ



ପଞ୍ଚାୟତ ସମିତି ସଭ୍ୟମାନେ ମଧ୍ୟ ଏଥିରେ ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଏହି ଆନ୍ଦୋଳନରେ ସଂଘର ରାଜ୍ୟ ସଭାପତି ଶ୍ରୀ ମହାନ୍ତି ବିଭିନ୍ନ ଗ୍ରାମ ପଞ୍ଚାୟତରେ ଗଣଧାରଣା ସମାବେଶରେ ଯୋଗଦେଇ ଉଦବୋଧନ ଦେଇ ସରକାର ଅବହେଳା ଏବଂ ପ୍ରତାରଣାର ତୀବ୍ର ନିନ୍ଦା କରିଥିଲେ। ଆଶ୍ଚର୍ଯ୍ୟର କଥା ଯେ, କେନ୍ଦୁପତ୍ର ସଂଗ୍ରହ ପ୍ରାୟ ଅର୍ଦ୍ଧାଧିକ ସମୟ ଅତିବାହିତ ହୋଇଥିଲେ ମଧ୍ୟ କେ.ଏଲ୍.ଡି.ବି ବୈଠକ ହୋଇନାହିଁ କିମ୍ବା କେନ୍ଦୁପତ୍ର କେରି ଦର ଦୀର୍ଘ ୨ ବର୍ଷ ହେଲା ବୃଦ୍ଧି ହୋଇନାହିଁ। ସରକାର ତାଙ୍କର ନିର୍ବାଚନ ଇସ୍ତାହାରକୁ କାର୍ଯ୍ୟକାରୀ କଲେ ନାହିଁ। ବୋନସ ଓ ସିଜିନାଲ୍ କର୍ମଚାରୀଙ୍କ ମାସିକ ମଜୁରୀ ମଧ୍ୟ ବୃଦ୍ଧି ଘୋଷଣା କରାଗଲା ନାହିଁ।

ଏହି ଆନ୍ଦୋଳନରେ ସଂଘର ବରିଷ୍ଠ ଉପସଭାପତି ଗୋକୁଳ ମେହେର ଓ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ଉପସଭାପତି ସରୋଜ କର୍ଣ୍ଣ, ବିନୋଦ କୁମାର ପ୍ରଧାନ, ସହଯୋଗୀ ସାଧାରଣ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ଉପସଭାପତି ପଦ୍ମାବତୀ କିସାନ, ପାଟଣାଗଡ଼ ସମ୍ପାଦକ ଶିବାନନ୍ଦ ପରିଚ୍ଛା, ରାଜ୍ୟ ସମ୍ପାଦକ ବିଜୟ ପଟ୍ଟନାୟକ, ଜୟପୁର ସମ୍ପାଦକ ରାମ ମାଢ଼ି, ପ୍ରହଲ୍ଲାଦ ପରିଡ଼ା, ରାଜ୍ୟ ସମ୍ପାଦକ ମନୋଜ ସାହୁ କେଉଁଝର ସମ୍ପାଦକ ସଞ୍ଜୟ ଚୌଧୁରୀ, ଅନୁଗୁଳର ରତ୍ନାକର ପ୍ରଧାନ, ଝାରସୁଗୁଡ଼ା ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ରେଢ଼ାଖୋଲ କିଶୋର ପ୍ରଧାନ, ଉଦିତ ତ୍ରିପାଠୀ, ବୌଦ୍ଧ ସମ୍ପାଦକ ଶ୍ରୀକାନ୍ତ ମିଶ୍ର, ରାଉରକେଲା ଡିଭିଜନ କୋଷାଧ୍ୟକ୍ଷ ଶୋଭାରାମ



ପ୍ରଧାନ, କୁଚିଣ୍ଡା ଡିଭିଜନର କୀର୍ତ୍ତନ ସେନାପତି, ମିଳନ ପଲେଇ, ଦେବଗଡ଼ ଡିଭିଜନ ସମ୍ପାଦକ ଭୁପେନ୍ଦ୍ର ନାୟକ, ବିଶ୍ୱନାଥ ସ୍ୱାଇଁ, ମାଲକାନଗିରିର ରାମ ମାଢି ଓ ନବରଙ୍ଗପୁରର ଭାଗିରଥି ବିଶୋଇ, ଫୁଲବାଣୀ ଡିଭିଜନ ସମ୍ପାଦକ ଲକ୍ଷ୍ମଣ ସାହୁ, ବଲାଙ୍ଗୀର ଡିଭିଜନ ସମ୍ପାଦକ ରାଜୁ ମେହେର, ଟିଟିଲାଗଡ଼ ଡିଭିଜନ ସମ୍ପାଦକ ରାଜୁ ବିଶି, ନବ ମହାର, ଅଶୋକ ମାଝି ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଆର୍‌ଏମ୍‌ସି ଆଗରେ ଏସୟୁଜେର ବିକ୍ଷୋଭ




**ରାଉରକେଲା, ୩।୫(ସମିସ):** ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ସହ ବନ୍ଧିତ ସୁନ୍ଦରଗଡ଼ ଜିଲ୍ଲା ସାମ୍ବାଦିକ ୟୁନିୟନ (ଏସୟୁଜେ) ପକ୍ଷରୁ ୪ ଦଫା ଦାବି ନେଇ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ୟୁନିୟନ କର୍ମକର୍ତ୍ତାମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ନୂତନ ସରକାରର ଶାସନକୁ ୨ ବର୍ଷ ପୁରିବାକୁ ଯାଉଥିବା ବେଳେ ସାମ୍ବାଦିକଙ୍କର ଦାବି ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଫଳରେ ଓୟୁଜେର ସଦସ୍ୟମାନେ ରାଜ୍ୟବ୍ୟାପୀ ପ୍ରତିବାଦ କରିଛନ୍ତି। ଓୟୁଜେର ଦାବିଗୁଡିକ ମଧ୍ୟରେ ସାମାଜିକ ନିରାପତ୍ତା, ମାସିକ ୩୦ ହଜାର ଟଙ୍କା ପେନ୍‌ସନ ଲାଗୁ କରିବା, ଓଡ଼ିଶାରେ ସାମ୍ବାଦିକଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ସ୍ୱାସ୍ଥ୍ୟ ବୀମା ରାଶି ପରିମାଣକୁ ୧୦ ଲକ୍ଷକୁ ବୃଦ୍ଧି କରିବା, ବୀମାରେ ବାପା ଓ ମାଆଙ୍କୁ ସାମିଲ୍ କରିବା, ପୂର୍ବ ଘୋଷିତ ସମସ୍ତ ସୁବିଧା ଲାଗୁ କରିବା ପାଇଁ ଓୟୁଜେ ଦାବି ଉପସ୍ଥାପନ କରିଛି। ବିକ୍ଷୋଭରେ ଆବାହକ ଅଶୋକ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଜିତ ମହାନ୍ତି, ସଧାରଣ ସମ୍ପାଦକ ସତ୍ୟାନନ୍ଦ ବେହେରା, ବଣାଇଁର ରଞ୍ଜିତ ଚୌଧୁରୀ, ମଦନଲାଲ ପାତ୍ର, ହେମନ୍ତ ପାତ୍ର, ସୁରଜ ପ୍ରତାପ ମହାନ୍ତି, ରାଜଗାଙ୍ଗପୁରର ରାଜେନ୍ଦ୍ର ବେହେରା, ସୁଧୀର ଦାଶ, ଅଟଳ ପଣ୍ଡା, ବୀରମିତ୍ରପୁରର ଆଲୋକ କର, ରାଉରକେଲାର ସୁରଜିତ ପଣ୍ଡା, ସଞ୍ଜୀବ ନାୟକ, ଗୌତମ ମାଇତି, ବାପି ପାଲ, ରଞ୍ଜିତା ବେହେରା, କୋଷାଧ୍ୟକ୍ଷ ସୁଦର୍ଶନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ରାଜଗାଙ୍ଗପୁରରେ ଆଇପିଏଲ ସଟ୍ଟା ବେଟିଂ ରାକେଟ୍ ଠାବ

# ୨୩ ଲକ୍ଷ ଟଙ୍କା ସହ ୬ ମୋବାଇଲ ଜବତ, ୫ ଗିରଫ

**ରାଉରକେଲା, ୩।୫(ସମିସ)**

ଆଇପିଏଲ ପାଇଁ ସଟ୍ଟା ବଜାର ଗରମ ରହିଥିବା ବେଳେ ରବିବାର ଦିନ ରାଜଗାଙ୍ଗପୁର ପୁଲିସ ଏକ ବଡ଼ ଧରଣର ସଟ୍ଟା ରାକେଟ୍‌ର ଠାବ କରିଛି। ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରରେ ଚାଲିଥିବା ଏକ ବଡଧରଣର ଆଇପିଏଲ ବ୍ୟାଟିଂ ଉପରେ ପୁଲିସ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମୋଟ ୨୩ ଲକ୍ଷ ୬୧ ହଜାର ୩୬୭ ଟଙ୍କା ଜବତ କରାଯାଇଥିବା ଜଣାପଡ଼ିଛି। ଗିରଫ ୫ ଦୁର୍ବୃତ୍ତ ହେଲେ ରାଉରକେଲା ବାସନ୍ତୀ କଲୋନୀର ରଞ୍ଜନ କୁମାର ସ'(୨୯), ରାଜଗାଙ୍ଗପୁର ଷ୍ଟେସନପଡ଼ାର ରାହୁଲ ସାହୁ(୩୨), ବଗିଚାପଡ଼ାର ସଞ୍ଜୟ ମିସ୍ତ୍ରୀ(୪୭), ରାଜଗାଙ୍ଗପୁର ମାଷ୍ଟର କଲୋନୀର ଉମେଶ ସିଡା ଓରଫ ସୋନୁ (୪୧) ଏବଂ ରାଜଗାଙ୍ଗପୁର ରାମବାଗାନର ନିରଜ ସାହୁ (୩୫)। ଏହି ଘଟଣାରେ ପୁଲିସ ଗିରଫ ୫ ଜଣଙ୍କ ନିକଟରୁ ୬ଟି ମୋବାଇଲ ଫୋନ ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୮ ତାରିଖରୁ ଆଇପିଏଲ କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ତେବେ ବର୍ଷ ବର୍ଷ ଧରି ଆଇପିଏଲ ବ୍ୟାଟିଂ କରି ଆସୁଥିବା କିଛି ପେଶାଦାର ଜୁଆଡି ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଆଇପିଏଲ ବ୍ୟାଟିଂ କରି ଆସୁଥିଲେ। ସହରରେ ଏହି ବଡଧରଣର ଆଇପିଏଲ ସଟ୍ଟା ଚାଲୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଆଜି ସଂଧାରେ ରାଜଗାଙ୍ଗପୁର ଥାନା ପୁଲିସ ଏହି ବଡଧରଣର ଚଢ଼ଉ କରିଥିଲା। ଏସପି ଶ୍ରୀମତୀ କୌରଙ୍କ ନିର୍ଦ୍ଦେଶ କ୍ରମେ ସବଇନ୍ସପେକ୍ଟର ଆର କେ ସେଠୀ, ଏସ୍‌ଆଇ ଏ. ବେହେରା, ଏଏସଆଇ ପିକେ ସେନାପତି, ଏଏସଆଇ ପି. ଧରୁଆଙ୍କୁ ନେଇ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଥିଲା। ରାଜଗାଙ୍ଗପୁର ସହରର ମିନି ଷ୍ଟାଡିୟମରେ କିଛି ଦୁର୍ବୃତ୍ତ ଆଇପିଏଲ ବେଟିଂ କରୁଥିବା ବେଳେ ଏହି ଏହି ସ୍କ୍ୱାର୍ଡ ଅତର୍କିତ ଚଢ଼ଉ କରିଥିଲେ ବୋଲି ଥାନା ପରିସରରେ ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୁତିଭୂଷଣ ଭୋଇ ସୂଚନା ଦେଇଛନ୍ତି। ଏହି ଅବସରରେ ଆଇଆଇସି ବିଜୟ ଦାସ ଉପସ୍ଥିତ ଥିଲେ।



# ଆଇଜିଏଚ୍ ଡାକ୍ତରଙ୍କ ଦ୍ୱାରା ଜଟିଳ ବ୍ରେନ୍ ଟ୍ୟୁମର ଅସ୍ତ୍ରୋପଚାର



**ରାଉରକେଲା, ୩।୫(ସମିସ):** ରାଉରକେଲା ଇସ୍ପାତ କାରଖାନା ପରିଚାଳନାଧୀନ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଦୀର୍ଘ ୧୦ ଘଣ୍ଟାର ଅବଧିରେ ଆଗାପିତ ଜୋଜୋ ନାମକ ଜଣେ ୭୧ ବର୍ଷୀୟ ରୋଗୀଙ୍କ ଅତ୍ୟନ୍ତ ଜଟିଳ ଏକ ନ୍ୟୁରୋସର୍ଜିକାଲ୍ ଅସ୍ତ୍ରୋପଚାର ସଫଳତାର ସମ୍ପନ୍ନ ହୋଇଛି। ଯାହା ନ୍ୟୁରୋସର୍ଜିକାଲ୍ ଏବଂ କ୍ରିଟିକାଲ୍ କେୟାର କ୍ଷେତ୍ରରେ ହସ୍ପିଟାଲର ବର୍ଦ୍ଧିତ ଜ୍ଞାନକୌଶଳ ଏବଂ ଉନ୍ନତ ଚିକିତ୍ସା କ୍ଷମତାକୁ ପ୍ରତିଫଳିତ କରିଛି। ଶ୍ରୀ ଜୋଜୋ ଗତ ଏକ ବର୍ଷ ଧରି ବଞ୍ଚିବାର ଆଶା ହରାଇ, ଗତ ଛଅ ମାସ ଧରି ଦୃଷ୍ଟି ଶକ୍ତିରେ ନିୟମିତ ହ୍ରାସ ସହ ଦ୍ୱନ୍ଦ୍ୱ ତଥା ଅନିଶ୍ଚିତତା ମଧ୍ୟରେ ଗତିକରୁଥିଲେ। ତାଙ୍କ ପ୍ରାରମ୍ଭିକ ଚିକିତ୍ସା ବରିଷ୍ଠ ପରାମର୍ଶଦାତା ଡା. ମୋନାଲିସା ମହାନ୍ତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପରେ ଏକ ଏମଆରଆଇ ପରୀକ୍ଷାରେ ଟେନିସ୍ ବଲ୍ ଆକାର ଏକ ବିଶାଳ ଆଣ୍ଟିଅରିୟର୍ ସ୍କଲ ବ୍ରେନ ଟ୍ୟୁମର ନିର୍ଣ୍ଣିତ ହୋଇଥିଲା। ଏହି ଅସ୍ତ୍ରୋପଚାରକୁ ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡା. ମନୋଜ କୁମାର ଦେଓ ସଫଳତାର ସହ ସମ୍ପାଦନ କରିଥିଲେ। ଆନାସ୍ଥେସିଆ ସହାୟତା ଅତିରିକ୍ତ ସିଏମଓ ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହୀ ଏବଂ ଆନାସ୍ଥେସିଆ ସେବା ଏଡିଏମଓ ଡକ୍ଟର ସି.କେ କାସି ପ୍ରଦାନ କରିଥିଲେ। ଏଥିରେ ନର୍ସିଂ ବ୍ରଦର କମଳାକର, ସିଷ୍ଟର ଗୋଧୂଳି ଏବଂ ଅର୍ଚ୍ଚନା ଅସ୍ତ୍ରୋପଚାର ପରବର୍ତ୍ତୀ ସେବାରେ ସହାୟତା କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଭେଣ୍ଟିଲେଟର ସପୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ପରଦିନ ସଫଳତାର ସହ ତାଙ୍କୁ ଭେଣ୍ଟିଲେଟରରୁ ବାହାର କରାଯାଇଥିଲା। ସମ୍ପ୍ରତି ସଚେତନ ଏବଂ ସକାରାତ୍ମକ ପ୍ରତିକ୍ରିୟା ଦେଉଥିବା ଆରୋଗ୍ୟ ଆଶାୟୀ ନିର୍ଦ୍ଦେଶ ଗ୍ରହଣ କରିବା ସହ ସ୍ୱାଭାବିକ ଖାଦ୍ୟ ଗ୍ରହଣ ମଧ୍ୟ କରୁଛନ୍ତି। ନର୍ସିଂ ସିଷ୍ଟର ଗୌରୀ, ମନସ୍ୱିନୀ, ସୋନିଆ, ମନୀଷା, ରୁବି ଏବଂ ଅନ୍ୟ ନର୍ସିଂ କର୍ମଚାରୀଙ୍କ ଦ୍ୱାରା ଅସ୍ତ୍ରୋପଚାର ପରବର୍ତ୍ତୀ ୱାର୍ଡ ଯତ୍ନ ସୁନିଶ୍ଚିତ କରାଯାଇଥିଲା। ଏହି ଉଲ୍ଲେଖନୀୟ ସଫଳତା ନ୍ୟୁରୋସର୍ଜିକାଲ୍ ସେବାରେ ଉତ୍କର୍ଷ କେନ୍ଦ୍ର ଭାବରେ ଆଇଜିଏଚର ସ୍ଥିତିକୁ ଆହୁରି ମଜବୁତ କରିବା ସହିତ ଏହି ଅଞ୍ଚଳର ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପ୍ରଭାବଶାଳୀ ପୂର୍ତ୍ତି ସକ୍ଷମ କରିଛି।

## ରାଉରକେଲା ଟାକ୍ସ ବାର୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ

# ପ୍ରଦୀପ ସଭାପତି, ନରେଶ ସାଧାରଣ ସମ୍ପାଦକ

**ରାଉରକେଲା, ୩।୫ (ସମିସ):** ରାଉରକେଲା ଟାକ୍ସ ବାର ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚନ ଉଦିତନଗର ସ୍ଥିତ ରାଉରକେଲା ଟାକ୍ସ ବାର ଆସୋସିଏସନର କାର୍ଯ୍ୟାଳୟ ପରିସରରେ ଆସୋସିଏସନର ସଭାପତି ପ୍ରଦୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ କୁମାର ରାଉତ ୨୦୨୬-୨୭ ବର୍ଷ ପାଇଁ ପୁନଃ ସଭାପତି ଭାବେ ନିର୍ବାଚିତ ହୋଇଥିବା ସୂଚନା ମିଳିଛି। ଏନେଇ ରାଉରକେଲା ଟାକ୍ସ ବାର ଆସୋସିଏସନର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଭାପତି ପ୍ରଦୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବାର୍ଷିକ ସାଧାରଣ ବୈଠକରେ ନରେଶ ଅଗ୍ରୱାଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଗରିମା ପତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଦୀପ କୁମାର ଯାଦବ ବାର୍ଷିକ ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଏହାପରେ ଅନୁଷ୍ଠିତ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନରେ ସର୍ବସମ୍ମତି କ୍ରମେ ପ୍ରଦୀପ କୁମାର ରାଉତ କ୍ରମାଗତ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଦ୍ୱିତିକୃଷ୍ଣ ପ୍ରଧାନ ଉପସଭାପତି, ନରେଶ ଅଗ୍ରୱାଲ ସାଧାରଣ ସମ୍ପାଦକ, ସହ ସମ୍ପାଦକ ଆକାଶ ଅଗ୍ରୱାଲ, କୋଷାଧ୍ୟକ୍ଷ ଭାବେ



ପ୍ରଦୀପ କୁମାର ଯାଦବ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସମ୍ପାଦକ ଗରିମା ପତ୍ରୀ ଏବଂ ପାଠାଗାର ସମ୍ପାଦକ ଭାବେ ପବିତ୍ରମୋହନ ପ୍ରଧାନ ମନୋନୀତ ହୋଇଥିବା ସୂଚନା ମିଳିଛି। ଏହି ଅବସରରେ ସମସ୍ତ ନୂତନ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଟାକ୍ସ ବାର ଆସୋସିଏସନର ସମସ୍ତ ସଭ୍ୟ ଅଭିନନ୍ଦନ ଜଣାଇଥିଲେ। ଶେଷରେ ଉପସଭାପତି ଦିତିକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ଆରଏସ ଅଗ୍ରୱାଲ, ଏସ କେ ଅଗ୍ରୱାଲ, କେକେ ପଣ୍ଡା, ସୁରେନ୍ଦ୍ର ପ୍ରଜାପତି, ଆନନ୍ଦ ଅଗ୍ରୱାଲ, ରାଜୀବ ରାୟ ମହାପାତ୍ର, ଭାସ୍କର ବେହେରା, ପିତାମ୍ବର ପାଣିଗ୍ରାହୀ, ପିଏନ ବିଶି, ବିପି ଦାସ, ଶେଖର ଚୌଧୁରୀ, ସଞ୍ଜୟ ଅଗ୍ରୱାଲ, ଦିଲିପ ଅଗ୍ରୱାଲ, ଦିରଜ ସିଂହ, ଶେଖ ମୁଜାହିଦ ହ୍‌ୟୁସେନ, ମାନସ ଧର, ପିକେ ନାୟକଙ୍କ ସମେତ ବହୁ ସଂଖ୍ୟାରେ ଟାକ୍ସ ଓକିଲ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ ସରକାରୀ ମେଡ଼ିକାଲରେ କୁଲର୍ ବ୍ୟବସ୍ଥା କାର୍ଯ୍ୟକ୍ଷମ

**ରାଉରକେଲା, ୩।୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲର ମେଡ଼ିସିନ ଓ ସର୍ଜରୀ ବିଭାଗର ୱାର୍ଡରେ ରୋଗୀମାନେ ଗରମ ପାଇଁ ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ୱାର୍ଡରେ କୁଲର ବ୍ୟବସ୍ଥା କରିବା ପାଇଁ ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠନେତା ତଥା ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ମେଡିକାଲ କଲେଜ ଅଧିକ୍ଷକ ପ୍ରଫେସର ଡା. ନିର୍ମଳ ସାହାଣୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବି କରିଥିଲେ। ଅଧିକ୍ଷକ ଡା. ସାହାଣୀ ସରକାରଙ୍କ ତରଫରୁ ଅଳ୍ପଦିନ ଆଗରୁ ଜିଇଡି ବିଭାଗ ମାଧ୍ୟମରେ ଆସିଥିବା ୨୦ଟି କୁଲର ମଧ୍ୟରୁ ମେଡ଼ିସିନ ୱାର୍ଡରେ ୮ଟି, ସର୍ଜରୀ ୱାର୍ଡରେ ୬ଟି ଏବଂ ଏହି ଦୁଇ ୱାର୍ଡରେ କାର୍ଯ୍ୟ କରୁଥିବା ଷ୍ଟାଫ୍‌ଙ୍କ ପାଖରେ ଦୁଇଟି କୁଲର ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମ୍ପୃକ୍ତ ୱାର୍ଡରେ ତତ୍କାଳ କୁଲର ସଂଯୋଗ କରାଯାଇଥିଲା। ଫଳରେ ରୋଗୀମାନେ ଆଶ୍ୱସ୍ତ ହୋଇଥିବା ଜଣାପଡ଼ିଛି। ଏଥିପାଇଁ ଶ୍ରୀ ତ୍ରିପାଠୀ ମେଡିକାଲ କଲେଜ ଅଧିକ୍ଷକ ଡା. ସାହାଣୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ଏବଂ ଆଲୋଚନା ସମୟରେ ସୁନ୍ଦରଗଡ଼ ମ୍ୟୁନିସିପାଲିଟିର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ

**ଲହୁଣୀପଡ଼ା, ୩।୫(ସମିସ):** ଲହୁଣୀପଡ଼ା ଥାନା ଅନ୍ତର୍ଗତ ସାନ ନୂଆଗାଁ ଗ୍ରାମରେ ଜଣେ ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବୃଦ୍ଧ ଜଣକ ସମ୍ବାର ସିଂ (୭୨)। ମିଳିଥିବା ସୂଚନା ଅନୁସାରେ, ସମ୍ବାର ସିଂ ଚାଲିଥିବା ଘର କାମକୁ ତଦାରଖ କରୁଥିବା ବେଳେ ଅପରାହ୍ନ ପ୍ରାୟ ସାଢେ ୪ ଟା ପାଖାପାଖିରେ ହଠାତ୍ ତଳେ ପଡ଼ି ଯାଇଥିଲେ। ଘର ଲୋକ ବଣାଇଁ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୁଲିସ ଡାକ୍ତର ଖାନା ପହଞ୍ଚି ଶବ ଜବତ କରି ମର୍ଗ ହାଉସରେ ରଖିଥିବା ଜଣାପଡ଼ିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି।

## ୧୦ ପେଟି ବିଅର ସହ ଅଟୋ ଜବତ; ଚାଳକ ଗିରଫ, ମ୍ୟାନେଜର ଫେରାର

**ଲହୁଣୀପଡ଼ା, ୩।୫(ସମିସ):** ଲହୁଣୀପଡ଼ା ଥାନା ୧୪୩ ନଂ ଜାତୀୟ ରାଜପଥର ସମରଦରୀ ନିକଟରେ ପୁଲିସ ଚଢ଼ଉ କରି ୧୦ଟି ପେଟିରେ ଥିବା ୧୨୦ଟି ବିଅର ବୋତଲ ସହ ଅଟୋକୁ ଜବତ କରିଛି। ଏହି ଘଟଣାରେ ଅଟୋ ଚାଳକକୁ ଗିରଫ କରିଛି। ସମରଦରୀ ଖଣ୍ଡାଧାର ପେଟ୍ରୋଲ ପମ୍ପ ନିକଟରେ ରହିଥିବା ବିଦେଶୀ ମଦ ଦୋକାନରୁ ଏହା ଚାଲାଣ ହେଉଥିଲା ବୋଲି ସୂଚନା ମିଳିଛି। ଏହି ବିଅରକୁ ନେଇ ୧୪୩ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଭିନ୍ନ ଢାବା ସହିତ ଛୋଟ ଛୋଟ ତେଜରାତି ଦୋକାନ ଗୁଡ଼ିକୁ ବେନିୟମ ଚୋରା ମଦ ଚାଲାଣ କରାଯାଉଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ଘଟଣା ପରେ ଦୋକାନର ମ୍ୟାନେଜର ଗଦାଧର ପତି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏନେଇ ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଶ୍ରମିକ ଦିବସ










## ଏଆଇଟିୟୁସି

**ରାଉରକେଲା, ୩।୫ (ସମିସ):** ଏଆଇଟିୟୁସି ସହବନ୍ଧିତ କାଂଶବହାଲ ମଜଦୂର୍ ୟୁନିଅନ, ନିର୍ମାଣ ଶ୍ରମିକ ସଂଘ, ଠିକା କର୍ମଚାରୀ ସଂଘ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ପ୍ରଦୋଷ ମହାନ୍ତି, ଜିଲ୍ଲା ସମ୍ପାଦକ ସଦାନନ୍ଦ ସାହୁ ଲାଲ ପତାକା ଉତ୍ତୋଳନ କରି ଶ୍ରମିକ ଶ୍ରେଣୀ ଶ୍ରମ ଶୋଷଣ ବିରୋଧରେ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ସହିଦ ବେଦୀରେ ମାଲ୍ୟାର୍ପଣ ପରେ ସଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଶିଷ୍ଟ ଶ୍ରମିକ ନେତା ରମେଶ ସେଠୀ, କୈଳାଶ ନାୟକ, ପ୍ରମୋଦ ବେହେରା ଯୋଗଦେଇଥିଲେ। ବିଜେପି ସରକାର ପ୍ରଣୟନ କରିଥିବା ୪ଟି ଶ୍ରମ କୋଡ଼ ରଦ୍ଦ ପାଇଁ ବ୍ୟାପକ ଆନ୍ଦୋଳନ, ସ୍କିମ୍ ୱାର୍କରମାନଙ୍କୁ ୱାର୍କର ମାନ୍ୟତା ପ୍ରଦାନ କରିବା ଦାବିରେ ଆନ୍ଦୋଳନକୁ ବଳଶାଳୀ କରିବା। ଯେକୌଣସି ଶିଳ୍ପର ଉତ୍ପାଦନ ଓ ସ୍ଥାୟୀ କାର୍ଯ୍ୟରେ ଅସ୍ଥାୟୀ ଭାବେ ନିୟୋଜିତ ଶ୍ରମିକଙ୍କୁ ସ୍ଥାୟୀ କରିବାର ସଂଘର୍ଷକୁ ଶକ୍ତିଶାଳୀ କରିବା, ସର୍ବନିମ୍ନ ମଜୁରୀ ଆଇନ ଅନୁସାରେ ଦେଶର ସର୍ବନିମ୍ନ ମଜୁରୀ ସଂଶୋଧନ ସହ ଦେଶବ୍ୟାପୀ ଏକକ ହାରର ମଜୁରୀ ପ୍ରଦାନ ବ୍ୟବସ୍ଥା ପାଇଁ ଆନ୍ଦୋଳନ, ଓଡ଼ିଶା ସରକାର ଶ୍ରମିକଙ୍କ ଦୈନିକ ଶ୍ରମ ସମୟ ବୃଦ୍ଧି ପାଇଁ କରିଥିବା ନିଷ୍ପତ୍ତି ପ୍ରତ୍ୟାହାର କରି ରାଜ୍ୟର ଜନସଂଖ୍ୟାର ୪୦ ଭାଗ କର୍ମକ୍ଷମ ଯୁବପିଢୀଙ୍କୁ ନିଯୁକ୍ତି ପାଇଁ ଦୈନିକ ଶ୍ରମ ସମୟ ୬ ଘଣ୍ଟା ଧାର୍ଯ୍ୟ କରିବାର ଆନ୍ଦୋଳନକୁ ବଳିଆନ କରିବା, ଖୁଚୁରା ବେପାରରେ ବିଦେଶୀ ପୁଞ୍ଜିନିବେଶ ବନ୍ଦ କରିବା, ସାମ୍ପ୍ରଦାୟିକ ଓ ଜାତିଆଣ ବିଦ୍ୱେଷ, ଘୃଣା, ହିଂସା ଓ ନର ସଂହାରର ତାଣ୍ଡବ ବନ୍ଦ ପାଇଁ ଶକ୍ତିଶାଳୀ ଶ୍ରମିକ ଆନ୍ଦୋଳନ, ବ୍ୟାଙ୍କ, ବୀମା ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣ ବନ୍ଦ କରିବା ପାଇଁ ବ୍ୟାପକ ସମ୍ମିଳିତ ଆନ୍ଦୋଳନ ପାଇଁ ମଇ ଦିବସର ଲାଲ ପତାକା ତଳେ ଶପଥ ନେବା ପାଇଁ ଆହ୍ୱାନ ଦେଇଥିଲେ। ବିପିନ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ୧୨ ଘଣ୍ଟା କାମ ଲାଗୁ ହେଲେ ଆନ୍ଦୋଳନ ଜୋରଦାର ହେବ: ସିମୁ

ସିଆଇଟିୟୁ ସହ ବନ୍ଧିତ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜୁଦୁର ୟୁନିୟନ(ସିମୁ), ଆଇଏଫଜିଏଲ ରିଫ୍ରାଟୋରିଜ ଓ୍ୱର୍କସ ୟୁନିୟନ ପକ୍ଷରୁ ୟୁନିୟନ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ହୋଇଯାଇଛି। ସର୍ବ ପ୍ରଥମେ ସିଆଇଟିୟୁ ରାଜ୍ୟ କମିଟି ସଦସ୍ୟା ତାଜମୁନ ନେହାର ସାଂଗଠନିକ ଲାଲ ପତାକା ଉତ୍ତୋଳନ କରିଥିଲେ। ସିମୁ ସମ୍ପାଦକ ଯଯାତୀ କେଶରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସିଆଇଟିୟୁ ରାଜ୍ୟ କମିଟିର ଉପସଭାପତି ତଥା ଉଭୟ ୟୁନିଅନର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ଯୋଗଦେଇ ବର୍ତ୍ତମାନ ଶ୍ରମିକମାନଙ୍କ ଉପରେ ଆସିଥିବା ବିପଦ ସମ୍ପର୍କରେ ଜଣାଇଥିଲେ ଗତ ୧୪୦ ବର୍ଷ ତଳୁ ଶ୍ରମିକମାନେ ତାଙ୍କର ପ୍ରାଣ ବଳି ଦେଇ ତମାମ ବିଶ୍ୱ ପାଇଁ ଶ୍ରମିକର ଦୈନିକ ୮ ଘଣ୍ଟାର କାମ କରିବାର ଅଧିକାରକୁ ଆଇନରେ ପରିଣତ କରିଥିବା ବେଳେ ବର୍ତ୍ତମାନର ବିଜେପି ସରକାର ଶ୍ରମିକମାନଙ୍କର ସମସ୍ତ ଅଧିକାର ତଥା ୪୪ ଟି ଶ୍ରମ ଆଇନକୁ ଉଚ୍ଛେଦ କରି ୪ଟି ଶ୍ରମ କୋର୍ଡରେ ପରିଣତ କରିଛନ୍ତି। ଯାହା ଫଳରେ ଶ୍ରମିକମାନେ ତାଙ୍କର ନ୍ୟାର୍ଯ୍ୟ ଦାବି ଓ ଅଧିକାରକୁ ସମ୍ପୂର୍ଣ୍ଣ ରୂପେ ହରାଇବେ। ଓଡ଼ିଶାରେ ମଧ୍ୟ ୨ ଅପ୍ରେଲରେ ମିଳିତ ଟ୍ରେଡ ୟୁନିୟନମାନଙ୍କ ପକ୍ଷରୁ ରାଜ୍ୟର ସମସ୍ତ ଶିଳ୍ପାଞ୍ଚଳରେ ବ୍ୟାପକ ବିରୋଧ ପ୍ରଦର୍ଶନ କରାଯାଇଥିଲା। ତେଣୁ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡକୁ ତୁରନ୍ତ ବାତିଲ କରିବା, ଶିଳ୍ପାଞ୍ଚଳରେ ସମସ୍ତ ଆଇନକୁ କଡାକଡି ଭାବରେ ଲାଗୁ କରେଇବା, ୧୨ ଘଣ୍ଟା ବଦଳରେ ୮ ଘଣ୍ଟା କାମ, ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା କରିବା ସହିତ ଆକାଶ ଛୁଆଁ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଶ୍ରମିକମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ଜାହାଙ୍ଗୀର ଅଲି ଶ୍ରମିକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିମୁ ସମ୍ପାଦକ ଅଜିତ ଏକ୍କା, ଯୀରୋଦ ବେହେରା, ସମ୍ବିତ ସ୍ୱାଇଁ, ରଞ୍ଜନ ବେହେରା, ଶୁଧାଂଶୁ ଜେନା, ସି . ଦିବାକର ରାଓ, ମାହାତୋ କୁଜୁର, ଅଜିତ ଚାଣ୍ଡିଲ, ଆଇଏଫଜିଏଲ ରିଫ୍ରାଟୋରିଜ ଓ୍ୱର୍କସ ୟୁନିଅନର କାର୍ଯ୍ୟକାରୀ ସଭାପତି ଅଜିତ କୁମାର ଦାଶ, ସିଡିଓ ମୁଣ୍ଡା, ମଞ୍ଜୁ କିରୋ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ରାଉରକେଲା ଷ୍ଟିଲ ମଜୁଦୂର୍ ୟୁନିୟନ୍

ଷ୍ଟିଲ ମଜୁଦୂର୍ ୟୁନିୟନ୍ ପକ୍ଷରୁ ସେକ୍ଟର -୫, ସି-୨୯ କାର୍ଯ୍ୟାଳୟଠାରେ ପାଳିତ ଆନ୍ତର୍ଜାତୀୟ ଶ୍ରମିକ ଦିବସରେ ଉପସଭାପତି କୈଳାଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିବା ସହ ପତାକା ଉତ୍ତୋଳନ କରିଥିଲେ। ୟୁନିୟନର କାର୍ଯ୍ୟକାରୀ ସଭାପତି ପ୍ରଦୋଷ କୁମାର ମହାନ୍ତି ଶ୍ରମିକ ଦିବସ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ, ୟୁନିଅନର ଉପଦେଷ୍ଟା ତଥା ବାର୍ ଆସୋସିଏସନ୍‌ର ସଭାପତି ସଦାନନ୍ଦ ସାହୁ, ପ୍ରମୋଦ କୁମାର ବେହେରା, ରାଧେନ୍ଦ୍ର କୁମାର ତିୱାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାଉରକେଲା ମଜଦୂର ସଭା

ରାଉରକେଲା ମଜଦୁର ସଭା ଓ ହିନ୍ଦ ମଜଦୁର ସଭାର ସହବନ୍ଧିତ ଶ୍ରମିକ ସଂଗଠନମାନଙ୍କ ଦ୍ୱାରା ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଇଛି। ମଜଦୂର ସଭାର ସି-୮, ସେକ୍ଟର-୬ ପରିସରସ୍ଥ ସହରାଞ୍ଚଳ କାର୍ଯ୍ୟାଳୟ ଏବଂ ମଜଦୁର ସଭାର ବିଶ୍ରାରୋଡ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଭାପତି ଶଶଧର ନାୟକ ପତାକା ଉତ୍ତୋଳନ କରି ଉପସ୍ଥିତ କର୍ମକର୍ତ୍ତାଙ୍କୁ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସମ୍ବୋଧିତ କରିଥିଲେ। ଏଥିରେ କଳାକାର ସାହୁ, ସିଦ୍ଧେଶ୍ୱର ବଳ, ପ୍ରମୋଦ କୁମାର ଦାସ, ସତ୍ୟାନନ୍ଦ ବେହେରା, ମାନସ ପଟ୍ଟନାୟକ, ସୁରେଶ ପଟ୍ଟନାୟକ, ଗୋପାଳ ମହନ୍ତ, ବିଜୟ ଜେନା ଓ ବିଦେଶୀ ମୁନା ସହଯୋଗ କରିଥିଲେ। ସଂଧ୍ୟାରେ ମଜଦୂର ସଭାର ସହରାଞ୍ଚଳ କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଶଧର ନାୟକ ସଭାପତିତ୍ୱ କରିଥିଲେ। ଉପ ସାଧାରଣ ସମ୍ପାଦକ ଖଗେନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। କଳାକାର ସାହୁ, ସିଦ୍ଧେଶ୍ୱର ବଳ, ପତିତପାବନ ଜେନା, ନୃପାନନ୍ଦ ନାୟକ, ଆଲୋକ ବୋଷ, ଦିଗମ୍ବର ମହାନ୍ତି, କେଦାର ଦାସ ଓ ମିନତି ବିଶ୍ୱାଳ ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମ ସଂଗଠନମାନଙ୍କର ଭୂମିକା ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ବେହେରା, ମୀନ କେତନ ବେହେରା, ଅନିରୁଦ୍ଧ ପାଣ୍ଡେ, ବିଦେଶୀ ମୁନା ସଞ୍ଚାଳନ କରିଥିଲେ। ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଆଇଟିୟୁ ଓ ସିସିୟୁଏ

ଆଇଟିୟୁ ସୁନ୍ଦରଗଡ଼ ଜିଲ୍ଲା କମିଟି ଓ ସିସିୟୁଏ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ ସେକ୍ଟର -୧୬ ଶ୍ରମିକ ଭବନ ସମେତ ବିଭିନ୍ନ ୟୁନିୟନ ଅଫିସମାନଙ୍କରେ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଶତାଧିକ ଶ୍ରମିକଙ୍କ ଏକ ସୁଶୋଭିତ ପଟୁଆର ସେକ୍ଟର -୪ ଛକରୁ ବାହାରି ସେକ୍ଟର- ୩ ଘରୋଇ ବସଷ୍ଟାଣ୍ଡରେ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ ଓ ସିସିୟୁଏ ନେତା ଭାଗିରଥି ଟୁଡୁଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି, ସିସିୟୁଏ ଆବାହକ ଭାଗିରଥି ଟୁଡୁ, ସିଆଇଟିୟୁ ଜିଲ୍ଲା ଉପସଭାପତି ଶ୍ରୀମନ୍ତ ବେହେରା, ବିପି ମହାପାତ୍ର, ହୃଦୟାନନ୍ଦ ଯାଦବ, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଶକୁନ୍ତଳା ମହାକୁଡ଼, ଅଜୟ ଶର୍ମା, ଉପେନ୍ଦ୍ର ତ୍ରିପାଠୀ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଦିବାକର ମହାରଣା, ଅଜିତ ଏକ୍କା, ଅରୁଣ ମହାରଣା, ବିନୟ ବେହୁରିଆ, ଯଜ୍ଞେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଶ୍ରମିକମାନେ ରାଜନୈତିକ ଭାବରେ ଶିକ୍ଷିତ ହେବା ସହିତ ନିଜର ଏକତାକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରମିକ ନେତା ଏନ୍‌ଏନ୍ ପାଣିଗ୍ରାହୀ, ରତ୍ନାକର ନାୟକ, ଅଜିତ୍ ଦାସ, ଚନ୍ଦ୍ରଭାନୁ ଦାସ, ଅରୁ ଦାସ, ଅଶୋକ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଆଞ୍ଚଳିକ ଶିଳ୍ପ ଓ ଖଣିଜ ସାମ୍ମୁଖ୍ୟ

**ବଣାଇଁ:** ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ବଣାଇଁ ଆଞ୍ଚଳିକ ଶିଳ୍ପ ଓ ଖଣିଜ ଶ୍ରମିକ ସାମୁଖ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟ ଆନୁକୂଲ୍ୟରେ ବଣାଇଁଗଡ଼ଠାରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଜୁ ଶ୍ରମିକ ସାମୁଖ୍ୟ ସଭାପତି ତଥା ରାଉରକେଲା ବିଜେଡି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ବଣାଇ ଏବଂ କୋଇଡାରେ ଖୋଲାଯାଇଥିବା ଇଏସଆଇ ଡିସ୍ପେନ୍ସରୀରେ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି, ନିର୍ମାଣ ଶ୍ରମିକମାନଙ୍କୁ ଉପଯୁକ୍ତ ସହାୟତା, ପାଚିକା, ପ୍ରାଣୀମିତ୍ର, କୃଷୀମିତ୍ରମାନଙ୍କ ବିଭିନ୍ନ ଦାବି ପୂରଣ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ରଞ୍ଜିତ କିସାନ, ଜିଲ୍ଲା ପରିଷଦ ସଭ୍ୟ ବୀର ବିଚିତ୍ରସେନ ନାୟକ, ବରିଷ୍ଠ ଶ୍ରମିକ ନେତା ବାଣେଶ୍ୱର ସାହୁ, ରଘୁନାଥ ସାହୁ, ଶ୍ୱେତ ବସନ୍ତ ବିଶ୍ୱାଳ, ଦ୍ରୋପଦୀ କିସାନ, ସଞ୍ଜୟ ଦାଶ, ପର୍ଶୁରାମ କିସାନ ନିଜ ଅଭିଭାଷଣରେ କିପରି ତାଙ୍କ ହକ୍ ପାଇପାରିବେ ତା ଉପରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ପାତ୍ର, ଅକ୍ଷୟ ପତି, କାହ୍ନୁରୁ କିସାନ, ରାଜକୁମାରୀ ପ୍ରଧାନ, ସୁକୁମାରୀ ସାହୁ, ତିଳତମା ପ୍ରଧାନ, ସିପୁନ ମିଶ୍ର, ତାପସ କାଲୋ, ଧର୍ମେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ଶ୍ରମିକ ନେତା ରୋହିତାଶ୍ୱ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମନମୁଣ୍ଡା ଉପ୍ରା ବିଦ୍ୟାଳୟ ଦିନେ ନାଁ କରିଥିଲା; ଆଜି ଅବହେଳିତ

**ମନମୁଣ୍ଡା, ୩।୫ (ସମିସ)**

ମନମୁଣ୍ଡା ଉପ୍ରା ବିଦ୍ୟାଳୟ। ଏହି ଶିକ୍ଷାନୁଷ୍ଠାନ ଦିନେ ଖୁବ୍ ନାଁ କରିଥିଲା। ଆଜି କିନ୍ତୁ ଏହି ବିଦ୍ୟାଳୟଟି ଅବହେଳିତ। ବିଭିନ୍ନ ସମସ୍ୟା ଭିତରେ ଏହା ଗତି କରୁଛି। ଏଥିପ୍ରତି ଜିଲ୍ଲା ଶିକ୍ଷା ବିଭାଗ, ବ୍ଲକ ଶିକ୍ଷା ବିଭାଗ ଏବଂ ସ୍କୁଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଛନ୍ତି। ସରକାରୀ ଚାକିରି କରିଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ବ୍ଲକ ଶିକ୍ଷା ଅଧିକାରୀ ଓ ସ୍କୁଲର ପ୍ରଧାନ ଶିକ୍ଷକ ଦରମାକୁ ଯେଉଁଭଳି ଗୁରୁତ୍ୱ ଦେଉଛନ୍ତି ସ୍କୁଲର ଉନ୍ନତିକୁ କିନ୍ତୁ ସେହିମାତ୍ରାରେ ଟିକିଏ ବି ଭାବୁ ନାହାନ୍ତି।

ବୌଦ୍ଧ ଜିଲ୍ଲାରେ ଉଚ୍ଚ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ବୌଦ୍ଧ ରାଜା ୧୮୮୧ ମସିହାରେ ମନମୁଣ୍ଡାଠାରେ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରିଥିଲେ। ଶତାବ୍ଦୀ ପୁରାତନ ଏହି ବିଦ୍ୟାଳୟ ବର୍ତ୍ତମାନ ସମୟରେ ୫୭ନମ୍ବର ଜାତୀୟ ରାଜପଥ କଡରେ ପ୍ରାୟ ୨.୫୦ ଏକରରୁ ୩ ଏକର ପରିମିତ ଜାଗାରେ ରହିଛି। ସ୍ୱାଧୀନତା ପୂର୍ବରୁ ବହୁ ବର୍ଷ ପର୍ଯ୍ୟନ୍ତ କଣ୍ଟାମାଳ ବ୍ଲକର ୨୪ଟି ପଞ୍ଚାୟତ ସମେତ ବୌଦ୍ଧ ବ୍ଲକର ପ୍ରାୟ ୧୦ଟି ପଞ୍ଚାୟତ ଏହି ବିଦ୍ୟାଳୟ ଉପରେ ନିର୍ଭର କରୁଥିଲା। ଏପରିକି ଅନ୍ୟ ଜିଲ୍ଲା ତଥା ଦୂର ଦୁରାନ୍ତରୁ ଏଠାରେ ଛାତ୍ରଛାତ୍ରୀ ମଧ୍ୟ ରହି ପାଠ ପଢୁଥିଲେ। ଶତାଧିକ ଶାଗୁଆନ ଗଛ ସମେତ ଅନେକ ଗଛଲତା ପରିବେଶରେ ରହିଥିବା ଏହି ସ୍କୁଲ ଏକ ଗୁରୁକୁଳ ଆଶ୍ରମର ଭ୍ରମ ସୃଷ୍ଟି କରୁଥିଲା; କିନ୍ତୁ ଅନେକ ବଡ ବଡ ଶାଗୁଆନ ଗଛ ଚୋରି ହୋଇଯାଇଛି। ସେଥିରେ ସ୍କୁଲ କର୍ତ୍ତୃପକ୍ଷଙ୍କ ସମେତ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଯେ ସମ୍ପୃକ୍ତି ନ ଥିବା ତାହା କହିହେଉନି। ଏଠାରେ ସେହି ସମୟରୁ

- ଅନେକ ବଡ଼ ବଡ଼ ଶାଗୁଆନ ଗଛ ଚୋରି ହୋଇଯାଇଛି
- ରାଜାଙ୍କ ପ୍ରଦତ୍ତ ପିତ୍ତଳ ହଣ୍ଡା ସମେତ ଅନେକ ମୂଲ୍ୟବାନ ଜିନିଷ ନାହିଁ
- ୩୦ ବର୍ଷ ହେଲା ଶ୍ରେଣୀଗୃହ ଅଧପନ୍ତରିଆ; କିନ୍ତୁ ବିଲ୍ ଉଠିଛି
- ସଞ୍ଜ ହେଲେ ନିଶାସକ୍ତଙ୍କ ଆଡ୍ଡା ଜମୁଛି, ଶୌଚାଳୟ ପାଲଟିଛି ପଡ଼ିଆ
- ପଡ଼ୋଶୀ ହୋଟେଲ ମାଲିକ ଅଳିଆ ଆବର୍ଜନା ପକାଇ ଦୂଷିତ କରୁଛନ୍ତି

ସ୍କାଉଟ ରହିଥିଲା। ରାଜାଙ୍କ ପ୍ରଦତ୍ତ ପିତ୍ତଳ ହଣ୍ଡା ସମେତ ଅନେକ ମୂଲ୍ୟବାନ ଜିନିଷପତ୍ର ରହିଥିଲା। ବର୍ତ୍ତମାନ ସମୟରେ ସେସବୁ ମଧ୍ୟ ଆଉ ନାହିଁ। ସବୁ ଲୁଟ୍ ହୋଇଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତିରେ ସେସବୁ କାରନାମା ହୋଇଥିବା ସନ୍ଦେଶ ପ୍ରକାଶ ପାଇଛି। ତାହା ତଦନ୍ତ ସାପେକ୍ଷ। ସେହିପରି ଆଜିକୁ ପ୍ରାୟ ୩୦ ବର୍ଷ ହେବ କେତେକ ଶ୍ରେଣୀ ପ୍ରକୋଷ୍ଠ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇ ନିର୍ମାଣ ଚାଲିଥିଲା; କିନ୍ତୁ ତାହା ଅଧପନ୍ତରିଆ। ବିଲ୍ କରି କିନ୍ତୁ ଅର୍ଥ




ବାଟମାରଣା କରାଯାଇଛି। ସେନେଇ ବାରମ୍ବାର ଅଭିଯୋଗ କରାଯାଇଥିବା ସତ୍ତ୍ୱେ ପ୍ରଶାସନ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଚୁପ୍ ରହିଛି। ବିଦ୍ୟାଳୟ କଂକ୍ରିଟ ବାଡ ଭାଙ୍ଗି ଇଟା ଏବଂ ଗଛ ଚୋରି କରାଯାଉଛି। ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ମଦ୍ୟପଙ୍କ ଆ‡ା ଜମୁଛି। ରାତିରେ ଅନୈତିକ କାର୍ଯ୍ୟ ମଧ୍ୟ ହେଉଛି। ସେହିପରି ବିଦ୍ୟାଳୟ ପରିସର ଖୋଲା ଶୌଚାଳୟ ସାଜଛି। ପଡ଼ୋଶୀ ହୋଟେଲ୍‌ମାଲିକ ଅଳିଆ ଆବର୍ଜନା ପକାଉଛନ୍ତି।

ତେବେ ଏହି ବିଦ୍ୟାଳୟରୁ ପାଠ ପଢ଼ି ଅନେକ ବଡ଼ ମଣିଷ ହୋଇଛନ୍ତି। ଆଜି ପ୍ରାୟତଃ ସବୁଆଡେ ବିଦ୍ୟାଳୟ ସ୍ଥାପନ ହୋଇ ସାରିଛି। ଅନେକ ପବ୍ଲିକ ସ୍କୁଲ ମଧ୍ୟ ହୋଇଛି। ଏହା ସତ୍ତ୍ୱେ ମଧ୍ୟ ଏହି ବିଦ୍ୟାଳୟର ପରିବେଶ, ସୁଖ୍ୟାତି ଯୋଗୁଁ ବର୍ତ୍ତମାନ ମଧ୍ୟ ଏଠାରେ ପ୍ରତ୍ୟେକ ବର୍ଷ ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଛନ୍ତି। ବୌଦ୍ଧ ଜିଲ୍ଲାର ଲୋକ ସଂଖ୍ୟାରେ ସବୁଠୁ ବଡ ପଞ୍ଚାୟତ ମନମୁଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ପ୍ରବଳ ଦାବିଦାର ଅଛି। ଏଠାରେ ସମସ୍ତ ମୁଖ୍ୟ ସରକାରୀ କାର୍ଯ୍ୟାଳୟ ରହିଛି। ଏହା ଏକ ବାଣିଜ୍ୟ କେନ୍ଦ୍ର; ମାତ୍ର କିଛି ବର୍ଷ ପୂର୍ବରୁ ସ୍ଥାପିତ ଅନେକ ବିଦ୍ୟାଳୟର କୋଠା, ଶ୍ରେଣୀ ପ୍ରକୋଷ୍ଠ ବହୁତ ସୁନ୍ଦର ଭାବେ ନିର୍ମାଣ କରାଯାଇ ସୌନ୍ଦର୍ଯ୍ୟକରଣ କରାଯାଇଛି; କିନ୍ତୁ ମନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସେ କ୍ଷେତ୍ରରେ ଅଣଦେଖା କରାଯାଇଛି। ସେହିପରି ଏହି ବିଦ୍ୟାଳୟରୁ ବହୁ ବର୍ଷ ପରେ ସ୍ଥାପିତ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ମନମୁଣ୍ଡା ଭଳି ଏକ ପ୍ରମୁଖ ସ୍ଥାନର ୧୪୫ ବର୍ଷ ପୁରାତନ ବିଦ୍ୟାଳୟକୁ ସେଥିରୁ ବଞ୍ଚିତ କରାଯାଇଛି। ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଶାସନର ଦୂରଦୃଷ୍ଟି ଅଭାବ, ରାଜନେତାଙ୍କ ଆନ୍ତରିକତା ନ ଥିବା ତଥା ଏନେଇ ମନମୁଣ୍ଡା ପ୍ରତି ପାତରଅନ୍ତର କରାଯାଇଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତଥା ସରକାର ଏହି ବିଦ୍ୟାଳୟ ପ୍ରତି ଧ୍ୟାନ ଦେଇ ଏହାକୁ ଗୋଦାବରୀଶ ମିଶ୍ର ଯୋଜନାରେ ସାମିଲ କରାଯିବାକୁ ଦାବି ହୋଇଛି।

ସେହିପରି ଏହି ବିଦ୍ୟାଳୟ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ନାମରେ ନାମିତ ଥିଲା। ଏହାକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାମିତ କରାଯାଇଥିବାରୁ ଏହାର ବିରୋଧ କରାଯାଇଛି। ପୂର୍ବପରି ଏହା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ନାମରେ ରଖାଯିବାକୁ ମଧ୍ୟ ଦାବି ହୋଇଛି। ସରକାର ଦୁଇ ଦାବି ପୂରଣ ନ କଲେ ଆନ୍ଦୋଳନ କରାଯିବ ବୋଲି ମତ ପ୍ରକାଶ ପାଇଛି। ତେବେ ସରକାର କ'ଣ କରୁଛନ୍ତି। ଦେଖିବାକୁ ବାକି ରହିଲା।

## ମେଣ୍ଡା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ତରଭା, ୩।୫(ସମିସ):** ତରଭା ବ୍ଲକ ଅଧୀନ ମେଣ୍ଡା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ମେଣ୍ଡା ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ର ଓ ଜଣେ ଛାତ୍ରୀ ଏ ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବସନ୍ତ ମହାକୁର ୬୦୦ ମାର୍କ ରୁ ୫୫୬ ମାର୍କ ରଖି ଏ ୧ ଗ୍ରେଡ଼ ସହ ମେଣ୍ଡା ଉଚ୍ଚ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ଯଶୋସ୍ମିତା ବରାଇ ୫୫୪ ମାର୍କ ରଖି ଏ ୧ ଗ୍ରେଡ୍ ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।





## ବିଦ୍ୟୁତ୍ କାଟ୍ ସହ ତାଳ ଦେଉଛି ଜିଓ ନେଟ୍ ସେବା କଷଣ

**ତରଭା, ୩।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଅଞ୍ଚଳରେ ବିଦ୍ୟୁତ୍ କାଟ୍ ସହ ଜିଓ ନେଟ୍ ସମତାଳ ଦେଇ ଚାଲିଛି। ଅଘୋଷିତ ବିଜୁଳି କାଟ ଯୋଗୁଁ ଉପଭୋକ୍ତା ଖୁବ ହଇରାଣ ହେଉଛନ୍ତି। ଗଛର ପତ୍ର ହଲିଲେ ଏଠାରେ ବିଜୁଳି ବିଭ୍ରାଟ ଘଟୁଛି। ହେଲେ ବିଜୁଳି ବିଭ୍ରାଟ ଘଟିଲେ ଜିଓ ନେଟ ଫେଲ୍ ମାରୁଛି। ଏଥିଯୋଗୁଁ ଉପଭୋକ୍ତା ଏଠାରେ ଭକୁଆ ସାଜିଛନ୍ତି। ଘଣ୍ଟା ଘଣ୍ଟା ଧରି ନେଟ୍ ଚାଲୁନି। ଏଣୁ ଉପଭୋକ୍ତା ହ୍ୱାଟ୍ସଆପ, ଗୁଗୁଲ, ଏକ୍ସ, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମ ଚଳାଇ ପାରୁ ନାହାନ୍ତି; ହେଲେ ଜିଓ ସେମାନଙ୍କଠାରୁ ପଇସା ନେଉଛି। ବିଜୁଳି ଫେଲ୍ ହେଲେ ମାସିକ ବିଦ୍ୟୁତ୍ ବିଲ୍ କିଛି କମ୍ ଆସିବାର ସମ୍ଭାବନା ରହିଛି; ହେଲେ ଜିଓ ନେଟ୍ ଫେଲ୍ ମାରିଲେ କମ୍ପାନୀ ଗ୍ରାହକଙ୍କ ପଇସା ଫେରାଇବାର ସମ୍ଭାବନା ନାହିଁ। ବିଜୁଳି ବିଭ୍ରାଟ ଘଟିଲେ ବିଭାଗୀୟ ସେକ୍ସନାଲ ଅଫିସର କିମ୍ବା ଏସ୍‌ଡିଓଙ୍କୁ ଫୋନ୍ କରି ଲୋକେ ଆଶ୍ୱସ୍ତି ଲାଭ କରୁଛନ୍ତି; ହେଲେ ଜିଓ ନେଟ୍ ଫେଲ୍ ମାରିଲେ କାହାକୁ ଗୁହାରି କରିହେଉନି। ଏକ ମାସରୁ ଅଧିକ ହେଲା ତରଭା ଅଞ୍ଚଳରେ ଘଣ୍ଟା ଘଣ୍ଟା ଧରି ଜିଓ ନେଟ ମିଳୁନି। ଏଣୁ ଉପଭୋକ୍ତା ହଇରାଣ ହେବା ସହ ଠକାମିର ଶିକାର ହେଉଛନ୍ତି।

## ନଳକୂପରୁ ବାହାରୁଛି ଲୁହାଗୁଣ୍ଡ ମିଶା ପାଣି



**ଶଗଡ଼ା, ୩।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସିମିଲିପଦର୍ ପଞ୍ଚାୟତ ସଦର ଗ୍ରାମ ଉପରପଡ଼ା ସ୍କୁଲ ପାଖ ନଳକୂପରୁ ଗତ କିଛିଦିନ ହେଲା ଲୁହାଗୁଣ୍ଡ ମିଶା ପାଣି ବାହାରୁଛି। ଗାଁର ଅଧିକାଂଶ ପରିବାର ପାଣି ପାଇଁ ଏହି ନଳକୂପ ଉପରେ ନିର୍ଭର କରି ଚଳୁଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୪୦ ପୂର୍ବେ ଏହି ନଳକୂପ ଖନନ ହୋଇଥିଲା। ପୁରୁଣା ହୋଇଥିବାରୁ ନଳକୂପ ଭିତରେ ଥିବା ନଳ ଗୁଡ଼ିକ କଳଙ୍କି ଖାଇ ଦୁର୍ବଳ ହୋଇ ସେଥିରୁ ଲୁହା ଟୁକୁଡ଼ା ମାନ ପାଣିରେ ମିଶି ପାନୀୟ ଯୋଗ୍ୟ ହେଉ ନ ଥିବାରୁ ପିଇବା ପାଣି ପାଇଁ ଗାଁ ସେ ମୁଣ୍ଡ ନଳକୂପକୁ ଯିବାକୁ ବାଧ୍ୟ ହେଉଛନ୍ତି। ସେଠାରେ ଅଧିକ ଲୋକ ହେବାରେ ପାନୀୟ ଜଳ ସଂଗ୍ରହ ପାଇଁ ଏକ ପ୍ରକାର ପ୍ରତିଯୋଗିତା ଦେଖିବକୁ ମିଳିଛି। ଏପଟେ ଏହି ନଳକୂପ ମରାମତି ପାଇଁ ଗ୍ରାମବାସୀ ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ସାରିଥିଲେ ମଧ୍ୟ ଏଯାଏଁ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପୁଣି ଗ୍ରାମବାସୀ ବିଭାଗୀୟ ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ ମଧ୍ୟ ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ନଳକୂପ ମରାମତି ନ ହେବା ପରିତାପର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଉକ୍ତ ନଳକୂପରୁ ପୁରୁଣା ନଳ ଗୁଡ଼ିକୁ କାଢ଼ି ତା ବଦଳରେ ନୂଆଁ ନଳ ଲଗାଇଲେ ଏହି ସମସ୍ୟାର ସମାଧାନ ହେବ ବୋଲି ପଞ୍ଚାୟତ ନଳକୂପ ମରାମତି କାରିଗରମାନେ କହିଛନ୍ତି। ପ୍ରବଳ ଖରାରେ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିର୍ଦ୍ଦେଶ ରହିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଅଭିଯୋଗର ଦୀର୍ଘ ଦିନ ପରେ ବି ନଳକୂପ ମରାମତି ହୋଇ ପାରି ନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଚଣ୍ଡ ଖରା ସମୟରେ ପାଣି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଉକ୍ତ ନଳକୂପକୁ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପଥର ସୋଲିଂ ନିମ୍ନମାନର



**କଣ୍ଟାମାଳ, ୩।୫(ସମସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ମାଣିକପୁରରେ ତେଲ ନଦୀ କୂଳରେ ପଥର ସୋଲିଂ ବାବଦକୁ ଅଟକଳ ସରକାରୀ ଅର୍ଥ ମଞ୍ଜୁର କରାଯାଇଛି। ଠିକାଦାର ବିଜେନ୍ଦ୍ର ନାଏକ ଟେଣ୍ଡର ପାଇଛନ୍ତି; ହେଲେ ଏହି ସୋଲିଂ କାମ ନିମ୍ନମାନର ହେଉଛି। ଏ ନେଇ ଠିକାଦାର ଶ୍ରୀ ନାଏକ ଯୋଗାଯୋଗ କରିବାରୁ ସ୍ଥାନୀୟ ବିଧାୟକଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦିଆ ଯାଉଛି ବୋଲି କହିଛନ୍ତି।

## ମନମୁଣ୍ଡାରେ ଜଟିଳ ହେଉଛି ଟ୍ରାଫିକ ସମସ୍ୟା

### ବାଇପାସ୍ ରାସ୍ତା ନିର୍ମାଣ ପରେ ବି ସୁଧୁରୁନି

**ଶଗଡ଼ା, ୩।୫(ସମିସ):** ଦୀର୍ଘ ବର୍ଷ ହେଲା ମନମୁଣ୍ଡା ମୁଖ୍ୟ ରାସ୍ତା ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଲାଗି ରହିଥିଲା। ପ୍ରତ୍ୟେକ ଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟିବାରେ ଲାଗିଛି। ଏହି ରାସ୍ତାରେ ଭାରୀଯାନ ଅତିକ୍ରମ କରିବା ସମୟରେ ମନମୁଣ୍ଡା ଥାନା ଛକଠାରୁ ଶିବ ମନ୍ଦିର ଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଲାଗି ରହୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନର ଆନ୍ତରିକତା ନ ଥିବା ଭଳି ମନେ ହେଉଛି। ମନମୁଣ୍ଡାର କେତେକ ବ୍ୟବସାୟୀ ଧୀରେ ଧୀରେ ମୁଖ୍ୟ ରାସ୍ତାକୁ ନିଜର ଦୋକାନ ବଢ଼ାଇବାରେ ଲାଗିଛନ୍ତି। ଏହା ଫଳରେ ଏହି ମୁଖ୍ୟ ରାସ୍ତା ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥ ସଂକୀର୍ଣ୍ଣ ହେବାରେ ଲାଗିଛି। ମୁଖ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ମନମୁଣ୍ଡାବାସୀ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇ ପାରୁ ନାହିଁ। ଲୋକେ ଅନେକ ଚେଷ୍ଟା କରିଥିଲେ ମଧ୍ୟ ମୁଖ୍ୟରାସ୍ତାରୁ ଜବରଦଖଲ ଉଚ୍ଛେଦ ନ ହେବାରୁ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ମନମୁଣ୍ଡାବାସୀଙ୍କ ଅଭିଯୋଗ ପରେ ବାଇପାସ୍ ରାସ୍ତା ନିର୍ମାଣ କରାଯାଇଥିଲା। ବାଇପାସ ରାସ୍ତା ନିର୍ମାଣ ପରେ ମଧ୍ୟ ଅନେକ ଛୋଟ ବଡ଼ ଗାଡି ମନମୁଣ୍ଡା ଭିତର ଦେଇ ଯାତାୟାତ କରୁଛି। ଏହା ଫଳରେ ମନମୁଣ୍ଡାରେ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏପରିକି ଅନେକ ସମୟରେ ବିପରୀତ ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକର ଡ୍ରାଇଭରଙ୍କ ମଧ୍ୟରେ ଗାଡ଼ି ଘୁଞ୍ଚାଇବାକୁ ନେଇ ବଚସା ଓ ଗଣ୍ଡଗୋଳ ମଧ୍ୟ ଲାଗି ରହୁଛି। ଏହି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ପ୍ରତ୍ୟେକ ଦିନ ମନମୁଣ୍ଡା ଥାନା ପକ୍ଷରୁ ରାସ୍ତାର ପ୍ରତ୍ୟେକ ଛକ ସ୍ଥାନରେ ପୁଲିସ ମୁତୟନ କରି ଏହି ପରିସ୍ଥିତି ପ୍ରତି ତୀକ୍ଷଣ ନଜର ରଖି ଟ୍ରାଫିକ ସମସ୍ୟା ସୁଧାରିବାକୁ ସାଧାରଣରେ ଦାବି ହେଉଛି।

## ୭ଦିନ ହେଲା ଅନ୍ଧାରରେ ଗଜମରା ଗ୍ରାମବାସୀ

**ବୌଦ୍ଧ, ୩।୫ (ସମିସ):** ସରକାର ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଅନେକ ପ୍ରୟାସ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ବିଦ୍ୟୁତ୍ ଭଳି ମୌଳିକ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତ ଗଜମରା ଗ୍ରାମର ୧୬କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମ ୭ଦିନ ହେବ ପୋଡ଼ି ଯାଇଛି। ଏହାଫଳରେ ୧୭ ପରିବାର ବସବାସ କରୁଥିବା ଏହି ଗ୍ରାମର ଲୋକେ ସମ୍ପୂର୍ଣ୍ଣ ଅନ୍ଧାରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଖରା ଦିନ ହୋଇଥିବାରୁ ରାତିରେ ବିଦ୍ୟୁତ୍ ନ ଥିବରୁ ସରୀସୃପ ସହ ଚୋରି ଡକାୟତି ବଢ଼ିବାର ଆଶଙ୍କା ଦେଖା ଦେଇଛି। ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ପ୍ରତିବନ୍ଧକ ସାଜିଛି। ତୁରନ୍ତ ଏହି ଗ୍ରାମକୁ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲଗାଇ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଗ୍ରାମର ଖେତ୍ରୁ ଠେଲା, ରବି ଠେଲା, ଶ୍ୟାମ ପୋଢ, ନିଳାମ୍ବର ପୋଢ, ଅଭ୍ୟା ଠେଲା, ଶ୍ୟାମସୁନ୍ଦର ଠେଲା, ସେବକକର୍ଣ୍ଣ ଠେଲା ପ୍ରମୁଖ ଦାବି କରିଛନ୍ତି।



### ଆର୍ଟ ଅଫ୍ ଲିଭିଂର ୪୫ତମ ବର୍ଷ ପୂର୍ତ୍ତି

## ଯୁବ ସମାଜସେବୀ ତୋଫାନ ପରିଡ଼ାଙ୍କୁ 'ଯୁବ ନେତୃତ୍ୱ ପୁରସ୍କାର'

**ବୌଦ୍ଧ, ୩।୫(ସମିସ):** ବୁଦ୍ଧ ଟେମ୍ପଲ ଆଡିଟୋରିୟମ୍‌ରେ ଆର୍ଟ ଅଫ୍ ଲିଭିଂ ଦ୍ୱାରା ୪୫ତମ ବର୍ଷ ପୂର୍ତ୍ତି ଅବସରରେ ଏକ ସମ୍ମାନ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ସମାଜସେବା, ଯୁବ ନେତୃତ୍ୱ ଓ ସାମାଜିକ ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଯୁବମାନଙ୍କୁ 'ଯୁବ ନେତୃତ୍ୱ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପୁରସ୍କାର ଗ୍ରହଣ ପରେ ତୋଫାନ ପରିଡ଼ା କହିଥିଲେ ଯେ, ଏହି ସମ୍ମାନ କେବଳ ତାଙ୍କର ନୁହେଁ, ବରଂ ତାଙ୍କ ସହଯୋଗୀ, ପରିବାର ଓ ସମସ୍ତ ସମର୍ଥକମାନଙ୍କର ସମ୍ମିଳିତ ପ୍ରୟାସର ଫଳ। ସେ ତାଙ୍କ ପରିବାରଙ୍କୁ ସର୍ବାଧିକ ଶକ୍ତି ବୋଲି କହି ସେମାନଙ୍କର ଅବିରତ ସମର୍ଥନ ଓ ପ୍ରେରଣା ପାଇଁ କୃତଜ୍ଞତା ଜଣାଇଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ତାଙ୍କ ଉଦ୍‌ବୋଧନରେ ଯୁବମାନଙ୍କୁ ସମାଜ ଗଢ଼ିବାରେ ଆଗୁଆନ ହେବାକୁ ପ୍ରେରିତ କରିଥିଲେ ଏବଂ ଆର୍ଟ ଅଫ ଲିଭିଂର ସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ସମ୍ମାନ ଉତ୍ସବ ଯୁବମାନଙ୍କ ପାଇଁ ଏକ ପ୍ରେରଣାଦାୟକ ମଞ୍ଚ ଭାବେ ପ୍ରମାଣିତ ହୋଇଥିଲା ଓ ଆଗାମୀ ଦିନରେ ସମାଜସେବା ପାଇଁ ନୂତନ ଉତ୍ସାହ ସୃଷ୍ଟି କରିଛି।




## ୨ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବୌଦ୍ଧ, ୩।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅଧୀନ ଆଲିକୁଦ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ମହାନନ୍ଦିଆ ଓ ଶିମିଳିଯୋରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଯୁଗଳ ବିହାରୀ ରଣାଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରେମରଞ୍ଜନ ଖଟୁଆଙ୍କ ସଭାପତିତ୍ୱରେ ବରଗାଁ କ୍ଲଷ୍ଟର ଓ ବିରସିଂହପୁର କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ଅନୁକୂଲ୍ୟରେ ତିଲିକାମାଳ ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଶିକ୍ଷାଅଧିକାରୀ ଅଶୋଭ ରଞ୍ଜନ ମାଳି, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀ ମଲ୍ଲିକ, ସିଆରସିସି ମଦନ ବେହେରା, ସତ୍ୟନାରାୟଣ ରଣା, ରୁପାସିଙ୍ଗ ଖେତି, ପୂର୍ଣ୍ଣଚନ୍ଦ୍ର ପୋଢ଼ ଉପସ୍ଥିତ ଥିଲେ। ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ଚିନ୍ତାମଣି ନାଏକ, ସତ୍ୟନାରାୟଣ ବାଘ, କଳାକୃଷ୍ଣ କର୍ମୀ, ମୀନକେତନ ପଧାନ, ସୁନେଶ୍ୱର ପୁଟେଲ, ରୁସୁଭ ସାହୁ ସହ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶୁକଦେବ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



## ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ପକ୍ଷରୁ ନାରଦ ଜୟନ୍ତୀ ଉତ୍ସବ

**ବୌଦ୍ଧ, ୩।୫(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୌଦ୍ଧ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ନାରଦ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଚାରକ ପ୍ରମୁଖ ରଘୁନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ ତଥା ବରିଷ୍ଠ ସାମ୍ବାଦିକ ଦିବ୍ୟ ଶଙ୍କର ରାଉତ ଯୋଗଦେଇ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ସାମ୍ବାଦିକତା ଆମପାଇଁ ପ୍ରେରଣା ହେବା ଉଚିତ ବୋଲି ମତ ପୋଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ସଂଘର ବିଭାଗ ବୌଦ୍ଧିକ ପ୍ରମୁଖ ଦେବବ୍ରତ ପ୍ରାଣିଗ୍ରାହୀ ଯୋଗଦେଇ ଥିଲେ। ଡା. ସୁଦର୍ଶନ ମେହେର ଯୋଗଦେଇ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଙ୍ଘ ପରିବାରର ବରିଷ୍ଠ ସଦସ୍ୟ ବିଜୟ କୁମାର ସାହୁ ବ୍ୟକ୍ତିଗତ ଗୀତ ଓ ପଦ୍ମ ଚରଣ ମେହେର କୃତଜ୍ଞତା ଅର୍ପଣ କରିଥିଲେ। ପ୍ରାନ୍ତ ଗୋସେବା ପ୍ରମୁଖ ଲକ୍ଷ୍ମଣ ନାୟକ, ପ୍ରାନ୍ତ ସହ ପ୍ରଚାର ପ୍ରମୁଖ ପ୍ରଣବ କୁମାର ନାୟକ, ହରଭଙ୍ଗା ଖଣ୍ଡ ସଂଘ ଚାଳକ ରାଜକିଶୋର ଆଗ୍ରୱାଲାଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସାମ୍ବାଦିକ, ଲେଖକ ଓ ସ୍ୱୟଂସେବକମାନେ ଯୋଗ ଦେଇଥିଲେ।




## କୌଳିକ ବେଉସାରୁ ମୁହଁ ଫେରାଉଛନ୍ତି କାରିଗର

**ଶଗଡ଼ା, ୩।୫(ସମିସ)**

ସରକାର ବିଲୁପ୍ତ ଲୋକ କଳାକୁ ବଞ୍ଚାଇ ରଖିବାକୁ ଅନେକ ପ୍ରୟାସ ଜାରି ରଖିଛନ୍ତି। ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବାସ୍ତବରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଅନେକ ବିଲୁପ୍ତ

- ଦୁର୍ଦ୍ଦିନରେ ତମ୍ବା ନାଗ କାରିଗର
- ସରକାରୀ ପ୍ରୋତ୍ସାହନ ମିଳୁନି
- ବୁଡ଼ିବାକୁ ବସିଲାଣି ବିଲୁପ୍ତ କଳା

କଳା ଲୋପ ପାଇବାକୁ ବସିଲାଣି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦରରେ ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି।

ଏହି ଗାଁରେ କଂସାରି ସମ୍ପ୍ରଦାୟର ୧୫ଟି ପରିବାର ବସବାସ କରନ୍ତି। ସେମାନେ ଦଶନ୍ଧି ଦଶନ୍ଧି ଧରି ତମ୍ବା ନାଗ ମୂର୍ତ୍ତିକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରି ନିଜର ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ମନ୍ଦିରଗୁଡ଼ିକରେ ତମ୍ବା ନାଗର ଚାହିଦା ଥିବାରୁ କଷ୍ଟେ ମଷ୍ଟେ ଏମାନଙ୍କ ପରିବାର ଚଳି ଯାଉଛି। ଶହେ ବର୍ଷ ପୁରୁଣା ଏହି କାରିଗରୀକୁ



ପିଢ଼ି ପରେ ପିଢ଼ି ଏମାନେ ବଞ୍ଚାଇ ରଖିଛନ୍ତି; ହେଲେ ଏମାନଙ୍କୁ ସରକାରୀ ସାହାଯ୍ୟ ବା ପ୍ରୋତ୍ସାହନ ନାହିଁ। ଦୁର୍ଦ୍ଦିନରେ ଏହି ବିଲୁପ୍ତ କଳା ଓ ଏହାକୁ ବୃତ୍ତି କରି ଚଳୁଥିବା କାରିଗର। ତମ୍ବା ନାଗ ତିଆରି ପାଇଁ ଆବଶ୍ୟକ ତମ୍ବା, ସୀସା ଓ ପିତ୍ତଳ ଅତ୍ୟଧିକ ମୂଲ୍ୟ ବୃଦ୍ଧି ଯୋଗୁଁ ଏହାର ଉଚିତ୍ ବଜାର ମୂଲ୍ୟ ମିଳୁ ନ ଥିବା ଏମାନେ କୁହନ୍ତି। ପୂର୍ବେ ତମ୍ବା ଚାଦର କେଜି ପ୍ରତି ୪୦୦-୫୦୦ ଟଙ୍କା ଥିଲା। ବର୍ତ୍ତମାନ ତାହା ୨ ହଜାର ଟଙ୍କାରୁ ଅଧିକ। ସେହି ଅନୁସାରେ କିନ୍ତୁ ବଜାରରେ ଅଧିକ ଦାମରେ ତମ୍ବା ନାଗ ବିକ୍ରି ହେଉନି। ଏଣୁ କ୍ଷତି ସହିବାକୁ ପଡୁଛି। ପୂର୍ବରୁ ଭଲ ରୋଜଗାର ହେଉଥିଲା। ଏବେ କେବଳ ଶ୍ରମିକ ଆକାରରେ ପାରିଶ୍ରମିକ ବ୍ୟତୀତ ଲାଭ ମିଳୁ ନ ଥିବା ଏମାନେ ପ୍ରକାଶ କରିଛନ୍ତି। ଗାଁରେ ଏହି କଳା ସମିତି ଥିବା ବେଳେ କ୍ରମଶଃ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହା ବନ୍ଦ ହୋଇ ପଡ଼ିରହିଛି। ଅବଶ୍ୟ ଏମାନଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ କାରିଗର ପରିଚୟ ପତ୍ର ପ୍ରଦାନ କରାଯାଇଛି; ହେଲେ ଏମାନଙ୍କୁ କୌଣସି ସରକାରୀ ସୁବିଧା ସୁଯୋଗ ମିଳୁନି। ଏଥିପାଇଁ ଏମାନେ ଆବଶ୍ୟକ କଞ୍ଚାମାଲ ସମ୍ବଲପୁର ଜିଲ୍ଲା ରେଙ୍ଗାଲିରୁ ଆଣୁଛନ୍ତି; ଅନେକ ସମୟରେ କିନ୍ତୁ ପୁଲିସର ଆକ୍ରୋଶର ଶିକାର ହେବାକୁ ପଡୁଛି। ବିଭିନ୍ନ ସମୟରେ ଅନେକ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପାଳ ମଧ୍ୟ ଗାଁକୁ ପରିଦର୍ଶନରେ ଆସି ଅନେକ ମିଠା ମିଠା ପ୍ରତିଶ୍ରୁତି ଦେଉଛନ୍ତି; ହେଲେ କୌଣସି ସୁଫଳ ମିଳେନି ବୋଲି ଏମାନେ କହିଛନ୍ତି। ଏହି କଳାକୁ ବଞ୍ଚାଇ ରଖିବା ପାଇଁ ଆବଶ୍ୟକ ସମସ୍ତ କଞ୍ଚାମାଲ ରିହାତି ଦରରେ ଯୋଗାଇ ଦେବା, ରିହାତିରେ ଋଣ ପ୍ରଦାନ କରିବା ସହ ବଜାର ବ୍ୟବସ୍ଥା ସୃଷ୍ଟି କରିବାକୁ କାରିଗରମାନେ ପ୍ରଶାସନ ପାଖରେ ଦାବି କରିଛନ୍ତି। ହେଲେ କିଛି ଲାଭ ହେଉନି। ଏହି ବିଲୁପ୍ତ ତମ୍ବା ନାଗ କଳା ସାରା ରାଜ୍ୟର କେବଳ ବୌଦ୍ଧ ଜିଲ୍ଲା ଗୁଡଭେଲି ପଦରରେ ଗ୍ରାମରେ ହେଉଛି। ଏଣୁ ଏହାକୁ ବଞ୍ଚାଇ ରଖିବାକୁ ସରକାର ତଥା ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଏମାନେ କହିଛନ୍ତି।

■ ସମ୍ବଲପୁର ବିଶ୍ୱବିଦ୍ୟାଳୟ + ୩ ପରୀକ୍ଷା ଫଳାଫଳ

# ନବମ ସ୍ଥାନରେ ଶିକ୍ଷା ବିଭାଗ ଛାତ୍ରୀ ଅପର୍ଣ୍ଣା

**ବରପାଲି, ୩।୫(ସମିସ):** ବରପାଲି ମହାବିଦ୍ୟାଳୟ ଶିକ୍ଷା ବିଭାଗ ଛାତ୍ରୀ ଅପର୍ଣ୍ଣା ଦାଶ ନବମ ସ୍ଥାନ ହାସଲ କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।



ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଯୁକ୍ତ ତିନି ଶିକ୍ଷା ସମ୍ମାନ ବରପାଲି ମହାବିଦ୍ୟାଳୟର ଶିକ୍ଷା ବିଭାଗ +୩ ଶେଷ ବର୍ଷ ପରୀକ୍ଷାରେ ଛାତ୍ରୀ ଅପର୍ଣ୍ଣା ଦାଶ କୃତିତ୍ୱ ହାସଲ କରିଛନ୍ତି। ଭେଡେନ ବ୍ଲକ, ଅଏଁଲାପାଲି ପଞ୍ଚାୟତ ଧୁବେନପାଲି ଗ୍ରାମର ଦ୍ୱିତିଚନ୍ଦ୍ର ଦାଶ ଓ ମିନାକ୍ଷୀ ଦାଶଙ୍କ ଝିଅ ଅପର୍ଣ୍ଣା ୮.୭୫ ଗ୍ରେଡ ପଏଣ୍ଟ ହାସଲ କରି ବିଶ୍ୱବିଦ୍ୟାଳୟସ୍ତରରେ ନବମ ସ୍ଥାନ ହାସଲ କରିଛନ୍ତି। ତାଙ୍କ ପାଇଁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଭାରେ ଅପର୍ଣ୍ଣାଙ୍କୁ କଲେଜ ଅଧକ୍ଷା ଜୟନ୍ତୀ ଦାଶ, ଶିକ୍ଷା ବିଭାଗର ମୁଖ୍ୟ ଡଃ. ଅଶୋକ କୁମାର ଦାଶ ଓ ଶିକ୍ଷା ବିଭାଗ ଅଧ୍ୟାପିକା ଅନିତା ଦାଶ ତଥା ଅଧ୍ୟାପନା ମଣ୍ଡଳି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟାନ୍ୟ ବିଭାଗିୟ ଅଧ୍ୟାପକ, ଅଧ୍ୟାପିକା ମାନେ ମଧ୍ୟ ଅପର୍ଣ୍ଣାଙ୍କୁ ଉତ୍ସାହ ପ୍ରଦାନ ସହ ଉଜ୍ଜଳ ଭବିଷ୍ୟତର କାମନା କରି ଆଶୀର୍ବାଦ ଦେଇଥିଲେ।

# ଅହିଂସା, ଶାନ୍ତି ଓ କରୁଣାର ପ୍ରତୀକ ଥିଲେ ଗୌତମବୁଦ୍ଧ

**ବରଗଡ଼, ୩।୫(ସମିସ):** ବରଗଡ଼ ବ୍ଲକ ବଗେଇବିରା ପାହାଡ଼ଠାରେ ନାଗାର୍ଜୁନ ବୁଦ୍ଧବିହାର କମିଟି ପକ୍ଷରୁ ଗୌତମ ବୁଦ୍ଧଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜୟନ୍ତୀ କାର୍ଯ୍ୟକ୍ରମରେ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବୁଦ୍ଧଙ୍କର ବିଚାର ବିଷୟରେ ଆଲୋଚନାଚକ୍ର ହୋଇଥିଲା।ପ୍ରଜ୍ଞା, ଶୀଳ, କରୁଣାର ପ୍ରତୀକ ବିଶ୍ୱ ଶାନ୍ତିଦୂତ, ଏସିଆର ଆଲୋକ, ଗଣତାନ୍ତ୍ରିକ ସମତାପୂର୍ଣ୍ଣ ବ୍ୟବସ୍ଥାର ମୂଳ, ଯୁକ୍ତିସିଦ୍ଧ, ବିଜ୍ଞାନ ଭିତ୍ତିକ ମାନସିକତା ସହ ସମତା, ଭାତୃତ୍ୱ, ନ୍ୟାୟ, ସ୍ୱତନ୍ତ୍ରତା ଓ ମୌଳିକ ଜୀବନଶୈଳୀର କଥା କହେ ବୁଦ୍ଧଦର୍ଶନ ବୋଲି ଉପାସକ ଉପାସିକା ମତପ୍ରକାଶ କରିଥିଲେ।



ନାଗାର୍ଜୁନ ବୁଦ୍ଧବିହାର କମିଟି ସଭାପତି ଧିମାନ ପୁରନ୍ଦର ଭୋସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ପତିତପାବନ ସାହୁ, ଅଧ୍ୟାପକ ରୋହିତ୍ କୁମ୍ଭାର, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର୍ ନାଏକ, ଗୁରୁଚରଣ ହରିପାଲ, ସୋଭାରାମ ତାଣ୍ଡି, କୁନାଲ ଗହୀର ଯୋଗଦେଇ ମହାଗା ବୁଦ୍ଧ ଅହିଂସାର ପ୍ରତୀକ ଥିଲେ ବୋଲି ଅଭିହିତ କରିଥିଲେ। ନାଗାର୍ଜୁନ ବୁଦ୍ଧବିହାର ଯୁଧିଷ୍ଠିର ବିଭାର, ବାଳମୁକୁନ୍ଦ ଜଗଦଲ୍ଲା, ସୁରେନ୍ଦ୍ର ତାଣ୍ଡି, ଆଶିଷ କୁମାର ସୁନା, ଭାବେନ୍ଦ୍ର ବିଭାଗ, ବସନ୍ତ କୁମ୍ଭାର, ଅଭୟ ସାମଲ, ଅନ୍ତର୍ଯ୍ୟାମୀ ଗଡ଼ତିଆ, ଦିଲ୍ଲୀପ ନାଗ, ଅଚ୍ୟୁତ ସର୍, ଜୟକ୍ରିଷ୍ଣା ଛୁରିଆ, ବିକ୍ରମ ବାଗ, ବାବୁଲୁ ବିଭାର, ଉଦ୍ଧବ ମହାନନ୍ଦ, ଅଶୋକ ଛତର, ମଧୁସୂଦନ ନାଗ, ବିଶ୍ୱନାଥ ମୁଗ୍ରି, ଚିତ୍ରସେନ କୁମ୍ଭାର, କିଷାନ୍ ରୋହିଦାସ ଏବଂ କମିଟିର ସମସ୍ତ ସଦସ୍ୟ ଓ ବାଗେଇବିରା ଗ୍ରାମବାସୀ ଯୋଗ ଦେଇଥିଲେ। ପରିଶେଷରେ ସମ୍ପାଦକ ଅବିନାଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

୧୩ ଦିନିଆ ରକ୍ତଦାନ ଶିବିର

# ତୃତୀୟ ଦିନରେ ୩୧ୟୁନିଟ୍ ସଂଗୃହୀତ

**ବରଗଡ଼, ୩। ୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସମସ୍ତ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ କିଛି କାଂଶରେ ଦୂର କରିବା ପାଇଁ ଗୁରୁ ରବିଶଙ୍କରଙ୍କ ଜନ୍ମ ଦିନ ଅବସରରେ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଂ ପରିବାରର ମିଳିତ ଆନୁକୂଲ୍ୟରେ ୧୩ ଦିନିଆ ରକ୍ତଦାନ ଶିବିରର ଆୟୋଜିତ ହେଉଛି। ରବିବାର ତୃତୀୟ ଦିନରେ ବରଗଡ଼ ବ୍ଲକ ମହୁଲପାଲି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବରେ ମହୁଲ ପାଲି ସରପଞ୍ଚ ରବୀନ୍ଦ୍ର ଭୋଇ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ।ଶିବିରରୁ ବରଗଡ଼ ରକ୍ତ ଭଣ୍ଡାର ପକ୍ଷରୁ ୩୧ୟୁନିଟଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ନିଷ୍ଠା ପରିବାରର ଉପଦେଷ୍ଟା ସଚି ପଣ୍ଡା, ଉପସଭାପତି କ୍ଷିରୋଦ୍ର ସାହୁ, କୋଷାଧକ୍ଷ ଶ୍ୟାମ ସୁନ୍ଦର ସାହୁ ଓ ଅନ୍ୟ ସଦସ୍ୟ ସଦସ୍ୟାଙ୍କ ସହ ମହୁଲପାଲି ଗ୍ରାମବାସୀ ସୁପରିଚାଳନା କରିଥିଲେ।

ଛୁରିଆପାଲିରେ ଜଳ ପାଇଁ ସଂଘର୍ଷ

# ଫେଲ୍ ମାରିଛି ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ

ଘେଁସ, ୩।୫(ସମିସ)





ବରଗଡ଼ ଜିଲ୍ଲା ସୋହେଲା ବ୍ଲକର ଛୁରିଆପାଲି ଗ୍ରାମରେ ତାତି ସାଙ୍ଗକୁ ବଢ଼ିଛି ପାଣି ସମସ୍ୟା। ଗାଁର କଣ୍ଠ ଶୁଖିଗଲାଣି, କିନ୍ତୁ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି। ସରକାରଙ୍କ ଘର ଘରକୁ ନଳ ଜଳ ଯୋଜନା ଛୁରିଆପାଲି ବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଗ୍ରାମର ଜୀବନରେଖା ଜଳଉତ୍ସ କୁହାଯାଉଥିବା ଫଟାମୁଣ୍ଡା ଓ ଲାଲୁମୁଣ୍ଡା ପୋଖରୀ ଶୁଖିଲା ପଡ଼ିଛି। ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପର ପାଇପ୍ ଅଛି କିନ୍ତୁ ପାଣି ଯୋଗାଣ ହେଉପାରୁନି। ଗ୍ରାମବାସୀ ବାଧ ହୋଇ କିଲୋମିଟର କିଲୋମିଟର ଦୂର ବିଲ ମଝିରେ ଥିବା ବୋରୱେଲ୍‌ରୁ ପାଣି ବୋହୁଛନ୍ତି। ଗୃହିଣୀମାନେ ପ୍ରଚଣ୍ଡ ଖରାରେ ମୁଣ୍ଡରେ ମାଠିଆ ଧରି ବହୁ ଦୂରବାଟ ଚାଲିବା ନିତିଦିନିଆ ଘଟଣା ହୋଇଛି। ପାଣି ଅଭାବରୁ ଗାଧୋଇବା ତ ଦୂରର କଥା, ଶୌଚ ପରି ଅତି ଜରୁରୀ କାର୍ଯ୍ୟ ପାଇଁ ମଧ୍ୟ ପୋଖରୀରେ ପାଣି ମୁନ୍ଦେ ମିଳୁନାହିଁ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦୀର୍ଘ ୪ / ୫ ବର୍ଷ ହେଲା ସେମାନେ ଏହି ଯନ୍ତ୍ରଣା ଭୋଗୁଛନ୍ତି। ସରପଞ୍ଚଙ୍କ ଠାରୁ ଆରମ୍ଭ କରି ସୋହେଲା ବିଡିଓ, ଜିଲ୍ଲାପାଳ ବରଗଡ଼ଙ୍କ ପର୍ଯ୍ୟନ୍ତ ଏବଂ ଜନପ୍ରତିନିଧିଙ୍କୁ ଗୁହାରି ଜଣାଇଥିଲେ ମଧ୍ୟ ସେମାନଙ୍କ ପାଖରେ ସମୟ ନାହିଁ। ଖରା ଦିନେ ପାଣି ଟୋପେ ପାଇଁ ସେମାନେ ଡହଳବିକଳ ହେଉଥିବା ଗ୍ରାମବାସୀ କହିଛନ୍ତି। ବାରମ୍ବାର ଅଭିଯୋଗ କରିଆସୁଥିଲେ ସୁଦ୍ଧା ଅଭିଯୋଗ କେବଳ କାଗଜପତ୍ରରେ ରହିଯାଉଛି। ଯଦି ପାଣି ସମସ୍ୟା ତୁରନ୍ତ ସମାଧାନ ନହୁଏ ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବେ ବୋଲି ଚେତାବନୀ ଦେଇଛନ୍ତି। ଜଳ ସଂକଟ ନେଇ ସୋହେଲା ବିଡିଓଙ୍କୁ ପଚାରିବାରୁ ଜଳ ସଂକଟ ସମାଧାନ ପାଇଁ ଟିମ୍ ଗଠନ କରାଯାଇଥିବା କହି କଥାଟାକୁ ଏଡ଼ାଇ ଯାଇଥିଲେ। ପ୍ରଶାସନିକ ଟିମ୍ ଗ୍ରାମରେ କେବେ ପହଞ୍ଚୁଛି।

# ପ୍ରାନ୍ତସ୍ତରୀୟ ପ୍ରଥମ ସଂସ୍କୃତ ନାଟ୍ୟୋତ୍ସବ ଓ ଲଘୁ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଯାପିତ

**ବରପାଲି, ୩।୫ (ସମିସ):** ସଂସ୍କୃତ ଭାରତୀ ପଶ୍ଚିମ ପ୍ରାନ୍ତ ପକ୍ଷରୁ ପ୍ରାନ୍ତସ୍ତରୀୟ ପ୍ରଥମ ସଂସ୍କୃତ ନାଟ୍ୟୋତ୍ସବ ଲଘୁ ଚଳଚିତ୍ର ଉତ୍ସବ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବରପାଲି ଠାରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ସଂସ୍କୃତ ଭାରତୀ ପଶ୍ଚିମ ପ୍ରାନ୍ତର ଅଧକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ବିଜୟପଲ୍ଲୀ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ.ବଦ୍ରୀନାରାୟଣ ପୂଜାରୀ, ସମ୍ମାନିତ ଅତିଥି ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କାର୍ଯ୍ୟକାରୀ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ, ବରପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ସନ୍ତୋଷ ସାହୁ, ରାଜୀବ ସାହୁ, କପିଳେଶ୍ୱର୍ ବାଗ କୋଷାଧକ୍ଷ ଚନ୍ଦ୍ରକାନ୍ତ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ରହି ପଶ୍ଚିମ ଓଡ଼ିଶାରେ ପ୍ରଥମ ସଂସ୍କୃତ ଚଳଚ୍ଚିତ୍ର ଉତ୍ସବ ଓ ଲଘୁ ନାଟକ ପ୍ରତିଯୋଗିତାର ଆୟୋଜନକୁ ପ୍ରଶଂସା କରିଥିଲେ। ଉତ୍ସବରେ ବିଭିନ୍ନ ନାଟକ ଓ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଶ୍ରେଷ୍ଠ ନାଟକ ବୃକ୍ଷ ରକ୍ଷତି ରକ୍ଷିତଃ, ଦ୍ୱିତୀୟ ଯାବାଳ ସତ୍ୟକାମ ଓ ତୃତୀୟ ଗୃହମ୍ ଏବ ମନ୍ଦିରମ୍ ଉଚ୍ଚ ପ୍ରଶଂସିତ ହୋଇ ପୁରସ୍କୃତ ହୋଇଥିଲେ। ସଂସ୍କୃତ ଲଘୁ ଚଳଚ୍ଚିତ୍ର ମଧ୍ୟରୁ ପ୍ରଥମ ଜୟତୁ ସୈନିକ ଜୟତୁ କୃଷକ, ଦ୍ୱିତୀୟ ସଂସ୍କୃତାୟ ଜୀବନମ୍, ପ୍ଲାଷ୍ଟିକ ମୁକ୍ତ ଭାରତଂ ସୁସ୍ଥଂ ଭାରତମ୍ ତୃତୀୟ ଚଳଚ୍ଚିତ୍ର ରୂପେ ପ୍ରଶଂସିତ ହୋଇ ପୁରସ୍କୃତ ହୋଇଥିଲେ। ସଂସ୍କୃତ ନାଟକ କାର୍ଯ୍ୟକ୍ରମକୁ ସଂସ୍କୃତ ପଣ୍ଡିତ ଈଶ୍ୱର ଚନ୍ଦ୍ର ଗଡ଼ତିଆ ସଂଯୋଜନା କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବକୁ ସହ ସମ୍ପାଦକ ଡ. ମାନସ କୁମାର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜୟକୁମାର ସାହୁ, ଲଲାଟେନ୍ଦୁ ରଣା, ଅଜିତ ରଣା, ରୁପେଶ ଭୋଇ, ମଞ୍ଜୁ ରଣା, ସୁନୀତୀ ପ୍ରଧାନ, ପ୍ରହଲ୍ଲାଦ ବର୍ଗେ, ଶିବିକା ପ୍ରଧାନ, ଦିଲ୍ଲୀପ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିବା ବେଳେ ସଂସ୍କୃତ ପ୍ରେମୀ ଇଏନ୍‌ଟି ପ୍ରାଧ୍ୟାପକ ଡ. ଯଦୁମଣି ନାଏକ, ଭଟଲି ମହାବିଦ୍ୟାଳୟ ଅଧ୍ୟାପିକା ନମିତା ଭୋଇ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ପ୍ରଦାନ କରି ଉତ୍ସାହିତ କରିଥିଲେ।

# ଝାରବନ୍ଧ ବ୍ଲକ୍ ଟପ୍ପର ରୂପେଶଙ୍କୁ ସମ୍ବର୍ଦ୍ଧନା

**ଝାରବନ୍ଧ ୩।୫ (ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଲି କ୍ଲଷ୍ଟରର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଅମଠିର ଛାତ୍ର ରୂପେଶ ନାଏକ ଚଳିତ ମାଟ୍ରିକ ପରୀକ୍ଷାରେ ୫୪୮ ମାର୍କ ରଖି ଏ-୧ୱାନ ଗ୍ରେଡ୍ ପାଇ ଝାରବନ୍ଧ ବ୍ଲକରେ ଟପ୍ପର ହୋଇଛନ୍ତି। ବୈତାଲି କ୍ଲଷ୍ଟର ସିଆରସିସି ଦିବସ କୁମାର ସାହୁ ରୂପେଶଙ୍କ ଘରକୁ ଯାଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୋଠୁଗୁଡା ନାଏବ ସରପଞ୍ଚ ରାମଧିନ ନାଏକ ଓ ଶିକ୍ଷକ ଧରମ ନାଏକ ଉପସ୍ଥିତ ଥିଲେ। ରୂପେଶଙ୍କ ସଫଳତା ପଛରେ ରହିଛି ତାଙ୍କର ଦୃଢ଼ ପରିଶ୍ରମ ଓ ଅଧବସାୟ। ସେ ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ତାଙ୍କର ବାପା ନିରଞ୍ଜନ ନାଏକ ଓ ମାତା କ୍ଷୀରବତୀ ନାଏକ ଗତ ୧୫ ବର୍ଷ ଧରି ରାୟପୁରରେ ପ୍ରବାସୀ ଶ୍ରମିକ ଭାବେ ପ୍ଲାଇଉଡ୍ କମ୍ପାନୀରେ କାମ କରୁଛନ୍ତି। ରୂପେଶ ନିଜ ଅଜା ଘେନୁ ନାଏକ ଓ ଆଇ ବଦେଲି ନାଏକଙ୍କ ସହ ଗ୍ରାମରେ ରହି ପଢ଼ା ଜାରି ରଖିଥିଲେ। ଭବିଷ୍ୟତରେ ସେ ଜଣେ ସଫଳ ଇଞ୍ଜିନିୟର ଓ ଉତ୍କୃଷ୍ଟ କ୍ରିକେଟ ଖେଳାଳୀ ହେବାର ସ୍ୱପ୍ନ ରଖିଥିବା କହିଛନ୍ତି।



# ମାଟ୍ରିକ ଟପ୍ପର ଦୀପଶିଖା ଗଡ଼ତିଆଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୩।୫(ସମିସ):** ବରଗଡ଼ ଜିଲ୍ଲାର ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ଓ ପଦ୍ମପୁରର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଦୀପଶିଖା ଗଡ଼ତିଆଙ୍କୁ ଏଟିଭସ୍‌ର୍ ହେଲ୍ପିଙ୍ଗ୍ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।ପଦ୍ମପୁର ଉପଖଣ୍ଡର ବିଜେପୁର ଅଞ୍ଚଳର ତମ୍ବିମୁଣ୍ଡା ଗ୍ରାମର ନିବାସିନୀ ଦୀପଶିଖା ତାଙ୍କ ଅଦମ୍ୟ ପରିଶ୍ରମ, ନିଷ୍ଠା ଓ ଦୃଢ଼ ସଙ୍କଳ୍ପରେ ଏହି ସଫଳତା ଅର୍ଜନ କରି ସମଗ୍ର ଜିଲ୍ଲାକୁ ଗର୍ବିତ କରିଛନ୍ତି। ତାଙ୍କ ପିତା ଆଦିତ୍ୟ ପ୍ରସାଦ ଗଡ଼ତିଆ ଜଣେ ଶିକ୍ଷକ ଓ ମାତା ଗିରିବାଳା ଗଡ଼ତିଆ ଗୃହିଣୀ।ଦୀପଶିଖା ନିଜ ସଫଳତା ପାଇଁ ତାଙ୍କ ମାଁ, ବାପା ଓ ଗୁରୁଜନଙ୍କୁ ଶ୍ରେୟ ଦେଇଥିବା ବେଳେ, ୨୦୨୫ ମସିହାର ମାଟ୍ରିକ ଟପ୍ପର ବବିତା ରଥଙ୍କୁ ଅନୁସରଣ କରି ଏହି ସଫଳତା ଅର୍ଜନ କରିଥିବା ପ୍ରକାଶ କରିଛନ୍ତି। ଏଟିଭସ୍‌ର୍ ହେଲ୍ପିଙ୍ଗ୍ ଫାଉଣ୍ଡେସନ୍‌ପକ୍ଷରୁ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

# ମାଟ୍ରିକ ଏ-୧ ଛାତ୍ରୀ କ୍ରିଷ୍ଟାଙ୍କୁ ସମ୍ବର୍ଦ୍ଧନା

**ବରଗଡ଼, ୩। ୫(ସମିସ):** ଚଳିତ ମାଟ୍ରିକ ପରୀକ୍ଷାରେ ବରଗଡ଼ ଜିଲ୍ଲାର ଜଣେ କୃତୀ ସନ୍ତାନ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି ଶୁଶ୍ରୀ କ୍ରୀଷ୍ଟା ପତି। ଲାଦେରପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପଢୁଥିବା କ୍ରୀଷ୍ଟା ୫୬୩ ନମ୍ବର (୯୩.୮%) ରଖି ସମଗ୍ର ଅଞ୍ଚଳ ତଥା ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି।



କ୍ରୀଷ୍ଟାଙ୍କ ସଫଳତା ପାଇଁ ଓଡ଼ିଆ ଅସ୍ମିତା ପକ୍ଷରୁ ସାମାଜିକ କର୍ମୀ ସୁବ୍ରତ ବିର୍ତ୍ତିଆ ତାଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧିତ କରିଥିଲେ।କ୍ରୀଷ୍ଟା ହେଉଛନ୍ତି ଏକ ଶିକ୍ଷିତ ତଥା ଆଦର୍ଶ ପରିବାରର କନ୍ୟା। ତାଙ୍କ ପିତା ସଂଗ୍ରାମ କେଶରୀ ପତି, ବରଗଡ଼ ଜିଲ୍ଲା ଖରମୁଣ୍ଡା ସ୍ଥିତ ବରପାହାଡ଼ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ, ମାତା ମଞ୍ଜୁଶ୍ରୀ ସୂପକାର ଘଂଘାଟି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଭାବେ ଶିକ୍ଷାଦାନ କରୁଛନ୍ତି। ପିତାମାତା ଉଭୟ ଶିକ୍ଷାଦାନ ପେଷାରେ ଥିବାରୁ ଘରର ପାଠପଢ଼ା ପରିବେଶ ଓ ସଠିକ୍ ମାର୍ଗଦର୍ଶନ କ୍ରୀଷ୍ଟାଙ୍କୁ ଏହି ଶୀର୍ଷରେ ପହଞ୍ଚାଇବାରେ ସହାୟକ ହୋଇଛି। ଓଡ଼ିଆ ଅସ୍ମିତା ପକ୍ଷରୁ କ୍ରୀଷ୍ଟାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଶ୍ରୀ ବିର୍ତ୍ତିଆ।

# ରକ୍ତ କର୍କଟରେ ପୀଡ଼ିତ ଶିଶୁ ପାଇଁ ଆର୍ଥିକ ସହାୟତା ଦାବି

**ପାଇକମାଳ, ୩।୫(ସମିସ):** ପାଇକମାଳ ବ୍ଲକର କାଂସଡା ଗାଁରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଗାଁର ଇନ୍ଦ୍ରମଣୀ ଭୋଇଙ୍କ ପରିବାର ପୂର୍ବରୁ ସାଧାରଣ ଜୀବନ ଅତିବାହିତ କରୁଥିଲେ। ପତିପତ୍ନୀ ଓ ଦୁଇ ପୁଅକୁ ନେଇ ସେମାନଙ୍କ ଘରେ ଖୁସିର ଚଳୁଥିଲା। କିନ୍ତୁ ଭାଗ୍ୟର କଠୋର ଘାତରେ ପରିବାର ଚିନ୍ତାରେ ପଡ଼ିଛନ୍ତି। ପରିବାରର ସାନ ପୁଅ ନମନ ଭୋଇ କିଛି ଦିନ ପୂର୍ବରୁ ଅସୁସ୍ଥ ଅନୁଭବ କରିଥିଲେ। ଆରମ୍ଭରେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାର ଆସିନଥିଲା। ପରେ ପରିବାର ତାକୁ ରାୟପୁରର ଏମ୍ସ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଚିକିତ୍ସା ପରେ ନମନ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ଗରିବ ଶ୍ରେଣୀର ପରିବାର ପାଇଁ ଲକ୍ଷାଧିକ ଟଙ୍କାର ଚିକିତ୍ସା ଖର୍ଚ୍ଚ ବହନ କରିବା ଅସମ୍ଭବ ହୋଇପଡ଼ିଥିଲା। ପରେ ଡାକ୍ତରମାନଙ୍କ ପରାମର୍ଶରେ ନମନଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରାୟ ଦୁଇ ବର୍ଷ ଧରି ତାଙ୍କର ଚିକିତ୍ସା ଚାଲିଆସୁଛି। ତଥାପି ଅବସ୍ଥା ସୁଧାର ନହେବାରୁ ତାକୁ ଘରେ ରଖି ନିୟମିତ ଭାବେ ପ୍ରତି ୧୫ ଦିନରେ ଭୁବନେଶ୍ୱର ଏମ୍ସକୁ ଡାକ୍ତରଖାନାକୁ ଯିବାକୁ ପଡୁଛି।ଏହି ସମୟରେ ପରିବାର ଉପରେ ଆଉ ଏକ ବଡ଼ ବିପଦ ଆସିପଡ଼ିଲା। ଏକ ମାସ ପୂର୍ବେ ନମନଙ୍କ ବାପା ଇନ୍ଦ୍ରମଣୀ ଦୁର୍ଘଟଣାରେ ପ୍ରାଣ ହାରାଇଥିଲେ। ଏହା ପରେ ପରିବାର ପୂରାପୁରି ଭାଙ୍ଗିପଡ଼ିଛି। ବର୍ତ୍ତମାନ ନମନଙ୍କ ମାଆ ଏକାକୀ ଭାବେ ସମସ୍ତ ଦାୟିତ୍ୱ ବୋହିବାକୁ ବାଧ୍ୟ ହୋଇଛନ୍ତି। ପୁଅଙ୍କୁ ଚିକିତ୍ସା ପାଇଁ ନେବା ଆଣିବା, ଔଷଧ ବ୍ୟବସ୍ଥା କରିବା ଓ ଦୈନିକ ଖର୍ଚ୍ଚ ଚାଲାଇବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି।ବର୍ତ୍ତମାନ ନମନ ଘରେ ଶଯ୍ୟାଶାୟୀ ଅବସ୍ଥାରେ ରହିଛନ୍ତି। ତାଙ୍କ ଚିକିତ୍ସା ଜାରି ରଖିବାକୁ ଅଧିକ ଅର୍ଥର ଆବଶ୍ୟକତା ରହିଛି। କିନ୍ତୁ ପରିବାରର ଆର୍ଥିକ ସ୍ଥିତି ଦୟନୀୟ ଥିବାରୁ ସେମାନେ ଏହି ଖର୍ଚ୍ଚ ବହନ କରିପାରୁନାହାନ୍ତି। ଏହାରେ ପୀଡ଼ିତ ମାଆ ଅତ୍ୟନ୍ତ ନିରାଶ ଓ ଅସହାୟ ହୋଇପଡ଼ିଛନ୍ତି। ଏହି ପରିପ୍ରେକ୍ଷିରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଘଟଣାକୁ ଆଣିଛନ୍ତି। ସେମାନେ ଜିଲ୍ଲା ରେଡ୍‌କ୍ରସ ତଥା ସରକାରୀ ଯୋଜନା ମାଧ୍ୟମରେ ପରିବାରକୁ ତତ୍କାଳ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଅସହାୟ ତାଙ୍କ ମାଆକୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ମିଳୁଥିବା ସହାୟତା ଶୀଘ୍ର ପ୍ରଦାନ କରାଯାଇବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ତତ୍ ସହିତ ସମାଜର ସ୍ୱେଚ୍ଛାସେବୀ ସଂଗଠନ, ସହୃଦୟ ବ୍ୟକ୍ତିମାନେ ଓ ଦାନଶୀଳ ଲୋକମାନଙ୍କୁ ଆଗକୁ ଆସି ପୀଡ଼ିତ ଶିଶୁଙ୍କୁ ସହାୟତା କରିବା ପାଇଁ ଅନୁରୋଧ କରାଯାଇଛି। ସମୟୋଚିତ ଆର୍ଥିକ ସହାୟତା ମିଳିଲେ ନମନଙ୍କ ଜୀବନ ବଞ୍ଚିପାରିବ ବୋଲି ସ୍ଥାନୀୟମାନେ ଆଶା ବ୍ୟକ୍ତ କରିଛନ୍ତି।



# ତୁଳଣ୍ଡି ଧାନ ମଣ୍ଡିରେ ଚାଷୀଙ୍କ ବୈଠକ



**ବରପାଲି, ୩। ୫(ସମିସ):** ବରପାଲି ବ୍ଲକ ତୁଳଣ୍ଡି ଧାନ ମଣ୍ଡି ଠାରେ ରବି ଋତୁର ଧାନ ବିକ୍ରି ପାଇଁ ପ୍ରସ୍ତୁତି ବୈଠକ ବସିଥିଲା। ବୈଠକରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ଯୋଗ ଦେଥିଲେ। ଜିଲ୍ଲାରେ ହାତଗଣତି କିଛି ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀମାନେ ସଚେତନ ହୋଇ ଦଲାଲ ମୁକ୍ତ ଭାବେ ଧାନ ବିକ୍ରି କରୁଛନ୍ତି। ଯାହାଫଳରେ ଚାଷୀମାନେ ସରକାରଙ୍କ ସର୍ବନିମ୍ନ ଘୋଷିତ ମୂଲ୍ୟ ପାଇପାରୁଛନ୍ତି ଏବଂ ବ୍ୟକ୍ତିଗତ ଭାବେ କୌଣସି ଚାଷୀଙ୍କ ବିଶେଷ ଅସୁବିଧା ପାଉନାହାନ୍ତି। ପ୍ରଥମେ ମଣ୍ଡିର ଆୟବ୍ୟୟ ବିବରଣୀ ପଠନ କରାଯାଇ ସର୍ବସମ୍ମତକ୍ରମେ ପାରୀତ କରାଗଲା। ରବି ଋତୁରେ ଠିକ ଭାବରେ ଯେମିତି ସମସ୍ତ ଚାଷୀ ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେଥିପାଇଁ ସାଙ୍ଗଠନିକ ଚେଷ୍ଟା କରାଯିବ ବୋଲି ନିଷ୍ପତ୍ତି ନିଆଗଲା। ସଭାରେ ସରପଞ୍ଚ ମାନସ ବ?ଇେ, ବନବାସ ପଧାନ, ହାରଧାନ ସାହୁ, ରଘୁନାଥ ଷଡଙ୍ଗୀ, ଗଙ୍ଗାଧର ସାହୁ, ପ୍ରମୋଦ ସାହୁ, ଦାସ ସାହୁ, ଅଜିତ ପଧାନ, ନିତ୍ୟା ପଧାନ ଏବଂ ମିଶ୍ର ସାହୁ ଉପସ୍ଥିତ ଥିଲେ।

# ଜଗଦଲପୁରରେ କୋଶଳ ସେନାର ବୈଠକ

**ଝାରବନ୍ଧ, ୩।୫(ସମିସ):** ଜଗଦଲପୁର ରେ କୋଶଲ ସେନାହ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋଶଲ ରାଜ୍ୟ ଗଠନ ଦାବିକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଚଳିତ ଜନଗଣନାରେ ମାତୃଭାଷା ଭାବେ ଓଡ଼ିଆ ପରିବର୍ତ୍ତେ ସମ୍ବଲପୁରୀ (କୋଶଲୀ) ଭାଷାକୁ ଗୁରୁତ୍ୱ ଦେବାକୁ ସଭ୍ୟମାନଙ୍କୁ ସଚେତନ କରାଯାଇଥିଲା।ବୈଠକରେ ଅଞ୍ଚଳରେ ଗୋଶାଳା ସ୍ଥାପନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଜଗଦଲପୁର ଏବଂ ପାଖାପାଖି ଅଞ୍ଚଳର ବିଭିନ୍ନ ସମସ୍ୟା, ଯଥା ଯାତାୟାତ, ପାନୀୟ ଜଳ, ବିଦ୍ୟୁତ୍ ସୁବିଧା ଆଦି ଉପରେ ମଧ୍ୟ ଚର୍ଚ୍ଚା ହୋଇଥିଲା। କୋଶଲ ସେନାର ସରୋଜ କୁମାର ପ୍ରଧାନ ସମେତ ସମସ୍ତ ସାଥି ଉପସ୍ଥିତ ଥିଲେ। ବୈଠକରେ ଉପସ୍ଥିତ ସଭ୍ୟମାନେ ସମସ୍ତ ଦାବି ଓ ସମସ୍ୟାଗୁଡିକୁ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ସଙ୍କଳ୍ପ କରିଥିଲେ।

ବରଗଡ଼ ଜିଲ୍ଲା ପ୍ରିମିୟର ଲିଗ୍ ବିଡିପିଏଲ୍ ଉଦ୍‌ଘାଟିତ

# ଶ୍ୟାମାକାଳୀ ମନ୍ଦିରରୁ ଭବ୍ୟ ଶୋଭାଯାତ୍ରା

ବରଗଡ଼, ୩।୫(ସମିସ)




ବରଗଡ଼ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ହେଉଛି ବରଗଡ଼ ଜିଲ୍ଲା ପ୍ରିମିୟର ଲିଗ୍ (ବିଡିପିଏଲ-୮)। ରବିବାର ପ୍ରତିଯୋଗିତା ଆନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହୋଇଛି।ବରଗଡ଼ ଜିଲ୍ଲା କ୍ରିକେଟ ଆସୋସିଏସନର ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱ ଓ ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାର ପତାକା ଉତ୍ତୋଳନ ସହ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ମୀନା ସମସ୍ତ ଦଳର ଖେଳାଳିଙ୍କ ସହ କର ମର୍ଦ୍ଦନ କରି ଉତ୍ସାହିତ କରିବା ସହ ପାଞ୍ଚଟି ଦଳର ଫ୍ରେଞ୍ଚାଇଜି ମାଲିକ ଓ କ୍ରିକେଟ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିଡିପିଏଲ୍ ଟ୍ରଫି କୁ ଉନ୍ମୋଚନ କରିବା ସହ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ୬ ଘଣ୍ଟା ସମୟରେ ସମସ୍ତ ପାଞ୍ଚଟି ଦଳର ଖେଳାଳି, ଜିଲ୍ଲା କ୍ରିକେଟ ଆସୋସିଏସନର କର୍ମକର୍ତ୍ତା ମା'ଶ୍ୟାମା କାଳୀଙ୍କ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ଥାନା ଛକ, ଗଉର ପଡ଼ା ଛକ, କଚେରୀ ଛକ, ଏସ୍‌ପି ଅଫିସ ଛକ ହୋଇ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ପହଞ୍ଚି ଥିଲେ। ଶେଷରେ ସମ୍ପାଦକ ରବି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା କ୍ରିକେଟ ଆସୋସିଏସନର ଉପସଭାପତି ଡ.ଶୁଭ୍ରାଂଶୁ ଶେଖର ମହାପାତ୍ର, ଯୁଗ୍ମସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧକ୍ଷ ଅମିୟ ଭୂଷଣ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ କିଶୋର ରଥ, ପ୍ରଦୀପ ନନ୍ଦ, ଚନ୍ଦ୍ର ଶେଖର ପ୍ରଧାନ, ପ୍ରାକ୍ତନ ସଭାପତି ଅରୁଣ କୁମାର ମହାନ୍ତି, ପ୍ରାକ୍ତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ପ୍ରଦୀପ ସାହୁ, ଗୁରୁଦତ୍ତ ଦାସ, ସୌର୍ଯ୍ୟ ରଞ୍ଜନ ରାଏ, ରଜତ ଦାଶ ପ୍ରମୁଖ ସହଯୋଗ କରୁଛନ୍ତି।

# ଗନିଆଁପାଲିରେ ନୃସିଂହ ଚତୁର୍ଦ୍ଦଶୀ ଓ ବୁଦ୍ଧ ଜୟନ୍ତୀ

**ଗାଇସିଲେଟ, ୩।୫ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଗନିଆଁପାଲିରେ ଚତୁର୍ଦ୍ଦଶୀ ଓ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ଚତୁର୍ଦ୍ଦଶୀ ଦିନ ନୃସିଂହ ମନ୍ଦିରରେ ପୂଜକ ହାରାଧନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ନୃସିଂହ ପୁରାଣ ପାରାୟଣ ଓ ପୂଜାର୍ଚ୍ଚନା ହୋଇଥିଲା। ରାଧାକାନ୍ତ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ପୂର୍ଣ୍ଣିମା ଦିନ ସ୍ଥାନୀୟ ମୁଚଳିନ୍ଦ ବୌଦ୍ଧ ବିହାର ଠାରେ ପ୍ରଭୁଙ୍କ ବୁଦ୍ଧଙ୍କ ଜୟନ୍ତୀ ମହୋତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା ସଭାରେ ମୁଖ୍ୟ ଅତିଥି ଭାବେ ଗାଇସିଲେଟ ବିଡିଓ ଲକ୍ଷ୍ମଣ କୁମାର ମାଝୀ, ମୁଖ୍ୟବକ୍ତା ଭାବେ ତାଳପଦର ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସୁକୁମାର ଭୋଇ, ସମ୍ମାନିତ ଅତିଥି ଭାବେ ଏବିଡିଓ ଭୀଷ୍ମଦେବ ମାଝୀ, ସମିତି ସଭ୍ୟ ସରୋଜ ସାହୁ, ଗନିଆପାଲି ସରପଞ୍ଚ ପୁଷ୍ପାଞ୍ଜଳି ବେହେରା ଯୋଗଦାନ କରିଥିଲେ। ଅତିଥିଙ୍କ ଦ୍ୱାରା ବୁଦ୍ଧଙ୍କ ପୂଜାର୍ଚ୍ଚନା ପରେ ସଭା ଆରମ୍ଭ ହୋଇଥିଲା ଅତିଥିବୃନ୍ଦ ବର୍ତ୍ତମାନ ସମୟରେ ବୁଦ୍ଧଙ୍କ ନୀତି ଆଦର୍ଶ ତଥା ପ୍ରଦର୍ଶିତ ମାର୍ଗ ଉପରେ ଆଲୋକପାତ କରିଥିଲେ। ବୁଦ୍ଧ ବିହାରକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ଉପରେ ଗୁରତ୍ୱ ପ୍ରଦାନ କରିଥିଲେ। ଶିକ୍ଷକ ରମେଶ କୁମାର ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ କୃଷ୍ଣଚନ୍ଦ୍ର ଭୋଇ ବିବରଣୀ ପଠନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## କୋକସରାରେ ବଢୁଛି ଚାଷୀ ଅସନ୍ତୋଷ

# ଧାନ ବିକ୍ରି ପଞ୍ଜୀକରଣ ନହେଲେ ୮ରୁ ଆନ୍ଦୋଳନ

କୋକସରା, ୩।୫(ସମିସ)




ମେଗା ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷ କରିଥିବା କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ଚାଷୀ ଚଳିତ ବର୍ଷ ରବି ଧାନ ବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ବର୍ତ୍ତମାନ ଧାନ ବିକିବା ନେଇ ଅନିଶ୍ଚିତତା ମଧ୍ୟରେ ରହିଥିବା ବେଳେ ଉକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପଟେ କୋକସରା ବ୍ଲକ କୃଷକ ସଚେତନ ମଞ୍ଚ ଧାନ ବିକ୍ରି ପଞ୍ଜୀକରଣ ନହେଲେ ଆସନ୍ତା ୪ ତାରିଖରେ ଜନସ୍ୱାର୍ଥ ମାମଲା ଦାୟର କରିବାକୁ ପ୍ରସ୍ତୁତି କରି ସାରିଥିବା ବେଳେ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ କୃଷକ ସଂଘ, କଳାହାଣ୍ଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଆସନ୍ତା ୭ଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ନ ଆସେ ତେବେ ମେ' ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛି।

ସୂଚନା ଅନୁସାରେ, ଚଳିତ ବର୍ଷ କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳ ପାଇଁ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପରୁ ୧୮୮୫୫ ହେକ୍ଟର ଚାଷ ଜମିକୁ ଜଳସେଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ଡିସେମ୍ବର ୩୧ ତାରିଖରେ ଅନୁଷ୍ଠିତ ଡିଏଲ୍‌ସି ବୈଠକରେ ଇନ୍ଦ୍ରାବତୀର ସ୍ୱାଭାବିକ ଜଳସେଚନରେ ୫୭.୫୭୪ ହେକ୍ଟର ଓ ମେଗାଲିଫ୍ଟ କେନାଲ ରୁ ୧୮୮୫୫ ହେକ୍ଟର ଜମିରେ ରବି ଜଳସେଚନ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ଅନୁମତି ମିଳିବା ପରେ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଚାଷ ମଧ୍ୟ ଠିକ ହୋଇଥିବାବେଳେ ଧାନ ପଞ୍ଜୀକରଣ ସମୟରେ ସରକାରଙ୍କ ମେଗାଲିଫ୍ଟ ଅଞ୍ଚଳର ଚଷୀଙ୍କ ପ୍ରତି ପାତରଅନ୍ତର ନୀତି ଏବେ ଚାଷୀଙ୍କ ନିଦ ହଜେଇ ଦେଇଛି। ମାର୍ଚ୍ଚ ମାସ ୨୫ ତାରିଖରୁ ପଞ୍ଜୀକରଣ ଅବଧି ସାରି ଯାଇଥିବାବେଳେ ଇନ୍ଦ୍ରାବତୀ ବାମ ଓ ଦକ୍ଷିଣ କେନାଲ ଅଞ୍ଚଳର ଚାଷୀ ପାଞ୍ଜୀକରଣ କରିଥଲେ ହେଁ ମେଗାଲିଫ୍ଟ ଅଞ୍ଚଳର ଚାଷୀ ଏଥିରୁ ବଞ୍ଚିତ ହୋଇଛନ୍ତି। ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ବର୍ତ୍ତମାନ ଧାନ ବିକିବା ନେଇ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଏହାକୁ ନେଇ ଧର୍ମଗଡ଼, ଲାଞ୍ଜିଗଡ଼ ଓ ଜୁନାଗଡ଼ ବିଧାୟକ ସରକାରୀ ସ୍ତରରେ ଉଦ୍ୟମ କରୁଥିବାବେଳେ କୋକସରା ବ୍ଲକ ଉପାଧ୍ୟକ୍ଷଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଦଳ ଯୋଗାଣ ମନ୍ତ୍ରୀ, ବିଭାଗୀୟ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଦାବିପତ୍ର ଦେଇଛନ୍ତି। ଏହାରି ମଧ୍ୟରେ କୋକସରା କୃଷକ ସଚେତନ ମଞ୍ଚ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମେଗାଲିଫ୍ଟ କେନାଲ ଅଞ୍ଚଳରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର କୋକସରା ବ୍ଲକରେ ୪୧ଟି ଗ୍ରାମର ୯୮୩୨ ହେକ୍ଟର ଓ ଧର୍ମଗଡ଼ ବ୍ଲକର ୧୩ଟି ଗ୍ରାମର ୨୩୩୪ ହେକ୍ଟର, ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ୬୬୭୧ ହେକ୍ଟର ଓ ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ଗୋଟିଏ ଗ୍ରାମର ୧୭.୩୪ ହେକ୍ଟର ଅଞ୍ଚଳର ପ୍ରାୟ ୧୨ ହଜାର ଚାଷୀ ପ୍ରଭାବିତ ହେବାକୁ ଥିବାବେଳେ ପ୍ରଭାବିତ ଅଞ୍ଚଳର ଚାଷିମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। ଏନେଇ ଗତ ୨୪.୩.୨୦୨୬ ତାରିଖ ଦିନ ଲାଞ୍ଜିଗଡ଼ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀଙ୍କ ପଞ୍ଜୀକରଣ କରାଇବା ନିମନ୍ତେ ଲିଖିତ ଭାବେ ଜଣାଇଥିଲେ। ଯାହାର ପତ୍ର ସଂଖ୍ୟା (୩୮/ଏସି୭୭) ରହିଛି। ଏଣେ ଚଳିତ ବର୍ଷ ମେଗା ଉଠା ଜଳସେଚନ ଚାଷୀ ମାନଙ୍କ ଧାନ ବିକ୍ରି ଲାଗି କୌଣସି ପଦକ୍ଷେପ ନଥିବା ଲାଞ୍ଜିଗଡ଼ ବିଧାୟକଙ୍କୁ ସରକାରଙ୍କ ପକ୍ଷରୁ ଚିଠିରେ ଉତ୍ତର ଆସିବା ପରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାପରେ ଚାଷୀ ସଂଗଠନ ଓ ଚାଷୀନେତା ଏକଜୁଟ ହେବାସହ ଚାଷୀଙ୍କ ମତାମତ ପରେ ଅନେକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇ ସାରିଛନ୍ତି। ମେ'୧ ତାରିଖରେ କୋକସରାଠାରେ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ କୃଷକ ସଂଘ, କଳାହାଣ୍ଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଆସନ୍ତା ୭ଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ନ ଆସେ ତେବେ ୮ ତାରିଖରୁ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେବା ସହିତ କୋକସରା, ଧର୍ମଗଡ଼ ଓ ଜୟପାଟଣା ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି।

## ଆର୍‌ଏସ୍‌ପି, କେନ୍ଦ୍ରୀୟ ଯାନ୍ତ୍ରିକ ରକ୍ଷଣାବେକ୍ଷଣ ବିଭାଗ କର୍ମଚାରୀଙ୍କ ଉଦ୍ୟମୀ ପ୍ରୟାସକୁ ଏକ ଅନନ୍ୟ ସ୍ୱୀକୃତି




ରାଉରକେଲା, ୩।୫(ସମିସ): ଆରଏସପି ଅନ୍ତର୍ଗତ ସେଣ୍ଟ୍ରାଲାଇଜ୍ଡ ମେକାନିକାଲ୍ ମେଣ୍ଟେନାନ୍ସ (ସିଏମଏମ) ବିଭାଗର କର୍ମଚାରୀଙ୍କ ଉଦ୍ୟମୀ ପ୍ରୟାସ ସମ୍ପ୍ରତି କାରଖାନା ପାଇଁ ଯଥେଷ୍ଟ ଖର୍ଚ୍ଚ ସଞ୍ଚୟ କରିବା ସହ ସମ୍ବଳ ଉପଲବ୍ଧି ସୁନିଶ୍ଚିତ କରିଛି। ବିଭାଗର ଜୁନିଅର୍ ଇଞ୍ଜିନିୟର ଜେଜେ ପାଢ଼ିଙ୍କ ନେତୃତ୍ୱରେ ସିଏମଏମ ୱିଞ୍ଚ୍ ଅଞ୍ଚଳର ଏକ ଉତ୍ସର୍ଗୀକୃତ ଦଳ, ନିଜସ୍ୱ ସମ୍ବଳ ଉପଯୋଗରେ ଏକ ଗୁରୁତ୍ୱପୂର୍ଣ୍ଣ, ଉଚ୍ଚ-ମୂଲ୍ୟଯୁକ୍ତ ୫ ଟନ୍ କ୍ଷମତା ବିଶିଷ୍ଟ ୱିଞ୍ଚକୁ ସଫଳତାର ସହ ପୁନଃନିର୍ମାଣ ଏବଂ ପୁନଃସ୍ଥାପିତ କରିଛି। ଏକ ପ୍ରେରଣାଦାୟୀ ଉଦ୍ୟମରେ ଶ୍ରୀ ପାଢ଼ି ଏପ୍ରିଲ ୨୮ ତାରିଖରେ ୱିଞ୍ଚ୍ ସେକ୍ସନରେ ପୁନଃନିର୍ମାଣ କରାଯାଇଥିବା ୱିଞ୍ଚକୁ କାର୍ଯ୍ୟ ସମର୍ପଣ କରିଥିଲେ। ଏହି ଅବସରରେ ସିଏମଏମ (ରିପେୟାର କନଷ୍ଟ୍ରକ୍ସନ୍ ମେକାନିକାଲ୍) ବିଭାଗର ଜିଏମ ଏସପି ପଟେଲଙ୍କ ସହ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କୋକ ଓଭେନ ବିଭାଗରେ ୨୦୦୦ ମସିହାରେ କ୍ରୟ କରାଯାଇଥିବା ଏହି ୱିଞ୍ଚ୍, ନିଜର କାର୍ଯ୍ୟକାଳ ପରେ ମରାମତି ଅନୁପଯୋଗୀ ହୋଇ ଅଚଳ ଅବସ୍ଥାରେ ଥିଲା। ଯାହାକୁ ସମ୍ପୂର୍ଣ୍ଣ ପୁନରୁଦ୍ଧାର କରାଯାଇଛି। ଏହାର କ୍ଷତିଗ୍ରସ୍ତ ଆସେମ୍ବଲି ଏବଂ ଡ୍ରମ୍ କଣ୍ଟ୍ରୋଲରକୁ ଏକ ଇନ-ହାଉସ୍ ଏଲଡ୍ରୋ ବ୍ରେକ୍ ଆସେମ୍ବଲି ଏବଂ ପ୍ୟାନେଲ୍ ନିୟନ୍ତ୍ରଣ ସିଷ୍ଟମ ସହିତ ବଦଳାଯାଇଥିଲା। ଏଥିସହ ଏହାର ଡ୍ରାଇଭ୍ ମୋଟର ଏବଂ ଗିଅର୍‌ବକ୍ସ ମରାମତି ମଧ୍ୟ କରାଯାଇଥିଲା। ଅଧିକନ୍ତୁ ଏକ ନୂତନ ୱିଞ୍ଚ୍ ରୋପ୍ ସ୍ଥାପନ କରାଯାଇ ବିହିତ ଲୋଡ୍ ପରୀକ୍ଷଣ ପରେ, ୱିଞ୍ଚକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଘୋଷଣା କରାଯାଇଥିଲା।

## ଆମ୍ବ ବଜାରୀକରଣ କର୍ମଶାଳା




ମ.ରାମପୁର, ୩।୫(ସମିସ): ସ୍ୱେଚ୍ଛାସେବୀ ସଂସ୍ଥା ମହାଶକ୍ତି ଫାଉଣ୍ଡେସନ ତରଫରୁ ଭାରତ ସରକାର ଏବଂ ନାବାର୍ଡ ସହାୟତାରେ ଆମ୍ବ ଚାଷୀମାନଙ୍କ ଆର୍ଥିକ ସଶକ୍ତିକରଣ ସହିତ ବଜାର ସଂଯୋଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବ୍ଲକ ସମ୍ମିଳନୀ କକ୍ଷ, ମ.ରାମପୁରରେ ଏଫପିସି ମାଧ୍ୟମରେ ଆମ୍ବ ବଜାରିକରଣ ପାଇଁ ଯୋଜନା ଓ କୌଶଳ ବିଷୟରେ କାର୍ଯ୍ୟଶାଳା ସଫଳତାର ସହ ଆୟୋଜିତ ହୋଇଯାଇଛି। କାର୍ଯ୍ୟଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଜିଲ୍ଲା ପରିଷଦ କଳାହାଣ୍ଡିର ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଏଫପିସିମାନଙ୍କର ବଜାରିକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଲ୍ଲେଖ କରିଥିଲେ। ଉତ୍ତେଇଭେଲି ଏଫପିସିର ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ହୋତା, ମହାଶକ୍ତି ଫାଉଣ୍ଡେସନ୍‌ର ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ, ସହକାରୀ ଉଦ୍ୟାନ ଅଧିକାରୀ ସୌରଭ କୁମାର ରାଉତ ଓ ପାଲାଡିୟମର ତାଲିମଦାତା ଦେବରତୀ ଘଟକ ଉପସ୍ଥିତ ଥିଲେ। କାର୍ଯ୍ୟଶାଳାରେ ୫୮ ଜଣ ଅଗ୍ରଣୀ ଆମ୍ବ ଚାଷୀ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ କଳାହାଣ୍ଡିରେ ଆମ୍ବ ଭ୍ୟାଲୁ ଚେନ୍‌ର ବର୍ତ୍ତମାନ ସ୍ଥିତି, ଉତ୍ପାଦନ କ୍ଷେତ୍ର, ବଜାର ସମ୍ଭାବନା ଓ ମୁଖ୍ୟ ସମସ୍ୟା ବିଷୟରେ ବ୍ୟାପକ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କ୍ଲଷ୍ଟର ଆଧାରିତ ଚାଷ ପ୍ରଣାଳୀ, ରପ୍ତାନିଯୋଗ୍ୟ ଆମ୍ବର ଗୁଣମାନ ମାନଦଣ୍ଡ ଓ ଏଫପିସିମାନଙ୍କ ଭୂମିକା ବିଷୟରେ ଗୁରୁତ୍ୱ ଦିଆଯାଇଥିଲା। ଏହା ସହିତ ଫସଲ ପରବର୍ତ୍ତୀ ପରିଚାଳନା, ସଂଗ୍ରହଣ, ପ୍ୟାକେଜିଂ ଓ ଲଜିଷ୍ଟିକ୍ସ ସମ୍ବନ୍ଧୀୟ ପ୍ରାୟୋଗିକ ଦିଗଗୁଡ଼ିକୁ ଉପସ୍ଥାପିତ କରାଯାଇଥିଲା। ଯାହା ଚାଷୀମାନଙ୍କୁ ବଜାରମୁଖୀ ଚିନ୍ତାଧାରା ଗଢ଼ିଉଠିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଶେଷ ଅଧିବେଶରେ ଆମପଡ଼ା ଗାଁରେ ଥିବା ଆମ୍ବ ବଗିଚା ପରିଦର୍ଶନ ସହିତ ସେଠାରେ ସିଧାସଳଖ ଆମ୍ବ ଅମଳ ଏବଂ ଅମଳ ପରବର୍ତ୍ତୀ ଯତ୍ନ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

## ୨୩ ପାଣି ଟ୍ୟାଙ୍କରର ଶୁଭାରମ୍ଭ

ଝାରସୁଗୁଡା, ୩।୫(ସମିସ): ଝାରସୁଗୁଡା ଜିଲ୍ଲାର ଲଇକେରା, କୋଲାବିରା, କିର୍ମିରା ଏବଂ ଝାରସୁଗୁଡ଼ା ବ୍ଲକ ଅଞ୍ଚଳରେ ବିଭିନ୍ନ ଗ୍ରାମରେ ପାଣି ସମସ୍ୟା ଦୂର ପାଇଁ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉଦ୍ୟମରେ ୨୩ଟି ପାଣି ଟ୍ୟାଙ୍କରର ଶୁଭାରମ୍ଭ ହୋଇଯାଇଛି। ଗ୍ରାମବାସୀ ବିଡ଼ିଓ କିମ୍ବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହ ଯୋଗାଯୋଗ କରି ଟ୍ୟାଙ୍କର ଦ୍ୱାରା ପାଇବା ପାଣି ସୁବିଧା ପାଇ ପାରିବେ ବୋଲି ବିଧାୟକ ଟଙ୍କଧର ତ୍ରିପାଠୀ ଘୋଷଣା କରିଥିଲେ। ଏଥିରେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ



ରବିବାର ବିଧାୟକ ଟଙ୍କଧର ତ୍ରିପାଠୀ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଫିତା କାଟି ୨୩ ଟ୍ରାକ୍ଟର ସହ ଟ୍ୟାଙ୍କରର ଶୁଭାରମ୍ଭ କରିଥିଲେ। ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ବ୍ଲକ ଗୁଡିକର ଯେଉଁ ଗାଁମାନଙ୍କରେ ପାଣି ସମସ୍ୟା ହେବ ବିଶ୍ୱରଞ୍ଜନ ନାୟକ, ଆରଡବ୍ଲ୍ୟୁଏସଏସର ଅଧିକ୍ଷଣ ଯନ୍ତ୍ରୀ ଜ୍ୟୋସ୍ନାମୟୀ ମାରାଣ୍ଡି, ସମସ୍ତ ବ୍ଲକର ବିଡିଓ, ଆରଡବ୍ଲ୍ୟୁଏସଏସର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହିତ ବିଜେପି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପିପିଲିକାନିରେ ୧୬ ପ୍ରହର ନାମଯଜ୍ଞ



ଇବଥର୍ମାଲ, ୩।୫(ସମିସ): ଲଖନପୁର ବ୍ଲକ ଜୋନ୍-୩ ଅନ୍ତର୍ଗତ ପିପିଲିକାନି ଗ୍ରାମରେ ୧୬ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୩୦ ଏପ୍ରିଲରେ ଏଥିପାଇଁ କଳସ ଯାତ୍ରା କରାଯିବା ସହ ଶୁଭ ଅଧିବାସ, ଅଙ୍କୁରାରୋପଣ କରାଯାଇଥିଲା। ୧ ଓ ୨ ତାରିଖ ଅହୋରାତ୍ର ଅଖଣ୍ଡ ନାମ ସହ ହୋମଯଜ୍ଞ ଆଦି କରାଯାଇ ଆଜି ନାମ ସମାପନ, ନଗର କୀର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ, ପ୍ରସାଦ ବିତରଣ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ କୁମ୍ଭାରବନ୍ଧ, କଣ୍ଟାପାରଲି, ତେଲେନପାଲି, କୁର୍ମିମାଲ, ବେଜିବନ୍ଧ ଆଦି ୨୫ଟି କୀର୍ତ୍ତନ ଦଳ ଏଥିରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ବରଗଡ଼ ଜିଲ୍ଲା ବୁର୍ଦ୍ଧା କ୍ୟାମ୍ପ ସଂକୀର୍ତ୍ତନ ମଣ୍ଡଳୀ ଓ ସମ୍ବଲପୁର ଜିଲ୍ଲା କତରବଗା ଗୁଲାମାଲ ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟରେ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ରୁଦ୍ରାକ୍ଷ ପ୍ରଧାନଙ୍କ ନେତୃତ୍ୱରେ ହନୁମାନ ଧ୍ୱଜା ଗ୍ରାମ ପରିକ୍ରମା କରାଯାଇଥିଲା। ଉଦ୍ଧବ ଖମାରୀ ଓ ସୈରିନ୍ଧ୍ରୀ ଖମାରୀ କର୍ତ୍ତା ଥିବା ବେଳେ ଗୁଲାପ ବାଗ, କିରଣ ଭୋଇ, ଉମାଶଙ୍କର ପ୍ରଧାନ, ସିଲୁ ପ୍ରଧାନ, ରିଙ୍କୁ ଦେହେରୀ, ରାହୁଲ ସାହୁ ଷଢ ବୈଷ୍ଣବ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ଜଗଦିଶ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହଜାରୀ ଦେହେରୀ, ପୁରନ୍ଦର ସାହୁ, ଗୁରୁଦେବ ଖମାରୀ, କିଶୋର ପ୍ରଧାନ, ତରଣୀ ବାରିକ, ଅଶୋକ ବାରିକ, ବିକାଶ ପ୍ରଧାନ, ରାଜେଶ ବାରିକ, ଆକାଶ ପ୍ରଧାନ, ବିବେକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦୁପତ୍ର ତୋଳାଳିଙ୍କ ଗଣଧାରଣା ଓ କଳାବ୍ୟାଜ୍ ପରିଧାନ



ବଣାଇଁ, ୩।୫(ସମିସ): ବଣାଇଁ କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ସମସ୍ତ କେନ୍ଦୁପତ୍ର ତୋଳାଳି ବିଭିନ୍ନ ଦାବି ନେଇ ଆଜି ପ୍ରତ୍ୟେକ ପଞ୍ଚାୟତରେ ଦିନିକିଆ ଗଣଧାରଣା ଦେଇଥିବା ଦେଖିବାକୁ ମିଳିଛି। ବଣାଇଁ ଅଞ୍ଚଳର ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ କେନ୍ଦୁପତ୍ର ଶ୍ରମିକ ଓ ବନ୍ଧାଳୀ, ଫଡି ଉଚ୍ଛେଦ, ଶ୍ରମିକମାନଙ୍କୁ ସରକାରଙ୍କ ବର୍ଦ୍ଧିତ ଦରମା, ଏଭଳି ୧୯ ଗୋଟି ଦାବିକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ନାରା ଦେଇ କଳାବ୍ୟାଜ୍ ପରିଧାନ କରି ଗଣଧାରଣାରେ ବସିବା ସହ ୧୯ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଯମୁନା ନାୟକଙ୍କୁ ପ୍ରଦାନ କରିଛନ୍ତି। ଆଜିଠାରୁ ଯେପର୍ଯ୍ୟନ୍ତ ଦାବି ପୂରଣ ନହେବ ସେ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରି ଧାରଣା ଚାଲିବ ବୋଲି ଚେତାବନୀ ଦେଇଛନ୍ତି। ସରକାର ୨୦୨୪ ଜୁଲାଇ ୧୮ ରେ ସର୍ବନିମ୍ନ ମଜୁରୀ ବୃଦ୍ଧି କରାଯାଉ, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ଦର ବୃଦ୍ଧି, କେନ୍ଦୁପତ୍ରରେ ଜିଏସଟି ହ୍ରାସ ପରେ ବିକ୍ରି ମୂଲ୍ୟ ବୃଦ୍ଧି, ମୃତକ ପରିବାରଙ୍କ ୨ ଲକ୍ଷରୁ ୪ ଲକ୍ଷକୁ ବୃଦ୍ଧି, ସିଜିନାଲ କର୍ମଚାରୀ ରୋଗରେ ପୀଡିତ ହେଲେ ଛୁଟିର ବ୍ୟବସ୍ଥା, ପ୍ରସ୍ତାବିତ ୫ରୁ ୬ ଡିଭିଜନ ପରୋକ୍ଷ ଘରୋଇକରଣ ସମ୍ପୂର୍ଣ୍ଣ ବାତିଲ, କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି ଭଳି ୧୯ ଦଫା ଦାବି ପ୍ରଦାନ କରିଛନ୍ତି। ଦାବି ପୂରଣ ନହଲେ ରାଜ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ କେନ୍ଦୁପତ୍ର ରେଞ୍ଜର ଚନ୍ଦ୍ରକାନ୍ତ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ କୌଣସି ଉତ୍ତର ମିଳିପାରି ନାହିଁ।

## ବାମରାରେ ବିଜେଡିର ପ୍ରତିବାଦ ସଭା

# ୧୫ରେ ବିକ୍ଷୋଭ ପାଇଁ ନିଷ୍ପତ୍ତି



କୁଚିଣ୍ଡା, ୩।୫(ସମିସ): ବାମରା ବିଦ୍ୟୁତ୍ ଗ୍ରୀଡ୍ ନିକଟସ୍ଥ ଆମ୍ବ ବଗିଚାରେ ବାମରା ବିଜୁ ଜନତା ଦଳ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କିଛି ଦିନ ପୂର୍ବରୁ ବାମରା ବିଜୁ ପଟ୍ଟନାୟକ ଛକରେ ମନ୍ତ୍ରୀ ରବି ନାୟକଙ୍କ ନେତୃତ୍ୱରେ ବିଜେପି କର୍ମୀମାନେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିବା ଘଟଣାକୁ ବିରୋଧ କରି ପ୍ରତିସଭା ଆୟୋଜିତ ହୋଇଥିଲା। ସଭାରେ ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଜିଲ୍ଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ଟୋପ୍ପୋ, ପୂର୍ବତନ ବ୍ଲକ ସଭାପତି ସୁରେଶ ବିସଞ୍ଜି, ଅରବିନ୍ଦ ସାହୁ, ରାମଲାଲ ଓଝା, ଟାଉନ ସଭାପତି ମିଥୁନ ବଡ଼ାଏକ, ସରପଞ୍ଚ ବିମଳ ଲାକ୍ରା, ପୁଷ୍ପା ତିର୍କୀ, ବୁଲୁ ଶୁକ୍ଳା ଓ ମନୋଜ ରାଜ ସହ ଶତାଧିକ କର୍ମୀ ଉପସ୍ଥିତ ରହି ନିଜ ମତ ବ୍ୟକ୍ତ କରିଥିଲେ। ସଭାରେ ମନ୍ତ୍ରୀ ରବି ନାୟକ ଓ ରାଜ୍ୟ ସରକାରଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହାସହ ଆସନ୍ତା ୧୫ ତାରିଖ ସକାଳ ୮ଟାରେ ବାମରାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବ୍ଲକରେ ଘଟିଥିବା କଥିତ ଦୁର୍ନୀତି ବିରୋଧରେ ପ୍ରତିବାଦ ସଭା ଆୟୋଜନ କରାଯିବାକୁ ସିଦ୍ଧାନ୍ତ ନିଆଯାଇଛି। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବାମରା ବିଡିଓଙ୍କୁ ପ୍ରଦାନ କରାଯିବ ବୋଲି ସଭାରେ ନିଷ୍ପତ୍ତି ହୋଇଥିଲା। ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ଦାସ, ରାମୁ ଚୌଧୁରୀ, ମଙ୍ଗଳୀ ନାୟକ, ସୁହାନି ବାଗେ, ଆକାଶ ଦୀକ୍ଷିତ, ଶିବଶଙ୍କର ପାଳ, ସନ୍ତୋଷ ପାଣ୍ଡେ, ପ୍ରଶାନ୍ତ ସତପଥୀ ଓ ଦିଲୀପ ଛତ୍ରିଆଙ୍କ ସହ ଅନ୍ୟମାନେ ଯୋଗଦେଇ ଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲହୁଣୀପଡ଼ା, ୩।୫(ସମିସ): ଲହୁଣୀପଡ଼ା ବ୍ଲକ ବାସିଆମ ହୁଲି ସ୍ଥିତ ସପ୍ନେଶ୍ୱର ମନ୍ଦିର କମିଟି ପକ୍ଷରୁ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ସ୍ୱପ୍ନେଶ୍ୱର ମନ୍ଦିର ପ୍ରତିଷ୍ଠା ଦିବସରୁ ଉକ୍ତ ମନ୍ଦିରର ଜଣେ ଶୁଭ ଚିନ୍ତକ ଭାବେ ବିଭିନ୍ନ ସମୟରେ ଯଥା ସମ୍ଭବ ଦାନ ଧର୍ମ କରି ଆସୁଥିଲେ। କୁଆଁରମୁଣ୍ଡା କୁମୁଟରିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ ଆରମ୍ଭ କରି ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ରାଣ୍ଟ ବିରକେରା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଗତ ଅପ୍ରେଲ ୩୦ରେ ପ୍ରଧାନ ଶିକ୍ଷୟିତ୍ରୀ ମୁଙ୍ଗୁଳି ନାଗ ଚାକିରି ଜୀବନରୁ ଅବସର ନେଇଛନ୍ତି। ଏହି ଅବସରରେ ସପ୍ନେଶ୍ୱର ମନ୍ଦିର କମିଟି ପକ୍ଷରୁ ସଭାପତି, ସମ୍ପାଦକ ତଥା ଅନ୍ୟାନ୍ୟ ସକ୍ରିୟ ସଦସ୍ୟଙ୍କ ଉପସ୍ଥିତିରେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ମୁଙ୍ଗୁଳି ନାଗଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।




## ଆମପାଣିରେ ବିଷାକ୍ତ ହାତରନ୍ଧା ମଦ ବିକ୍ରି

# ପୁଲିସ ଓ ଅବକାରୀ ବିଭାଗର ନଜର ପଡୁନି

କୋକସରା, ୩।୫(ସମିସ): କୋକସରା ବ୍ଲକ ଆମପାଣିର ବିଭିନ୍ନ ପଡ଼ାରେ ଏବେ ବିଷାକ୍ତ ହାତରନ୍ଧା ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଅସାଧୁ ଲୋକେ ଚୋରା ବଦ ବେପାରୀ ମାଲାମାଲ୍ ହେଉଛନ୍ତି। ପ୍ରକାଶ ଯେ' ଆମପାଣିଠାରେ ସରକାରଙ୍କ ପକ୍ଷରୁ ଲାଇସେନ୍ସ ପ୍ରାପ୍ତ ଏକ ଦେଶୀ ମଦ ଭାଟି ରହିଥିଲେ ହେଁ ଜଙ୍ଗଲରେ ତିଆରି ହେଉଥିବା ବିନା ଡିଗ୍ରୀର ବିଷାକ୍ତ ମଦ ଖୁଲମଖୁଲା ଭାବେ ଗାଁର ବିଭିନ୍ନ ପଡ଼ା, ଗଳିରେ ବିକ୍ରୀ ହେଉଛି। ପୂର୍ବରୁ ଗ୍ରାମର ମହିଳାମାନେ ବିଷାକ୍ତ ହାତରନ୍ଧା ମଦ ବିକ୍ରି ବନ୍ଦ କରିବା ପାଇଁ ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ ତଥାପି କାର୍ଯ୍ୟାନୁଷ୍ଠାନ ଶୂନ। ଜଙ୍ଗଲ ଭିତରେ ବେଆଇନ ଭାବେ ତିଆରି ହେଉଥିବା ବିଷାକ୍ତ ମଦରେ ଆମୋନିଆ, ବିଭିନ୍ନ ଔଷଧ ବଟିକା, ୟୁରିଆ ଭଳି ସାର ବ୍ୟବହାର କରୁଥିବା ଜଣାପଡ଼ିଛି। ସାଧାରଣତ ଆମୋନିଆ କୃଷି କ୍ଷେତ୍ରରେ କିମ୍ବା ଏହାକୁ ରେଫ୍ରିଜରେସନ୍ (ଶୀତଳୀକରଣ), ସଫେଇ ସାମଗ୍ରୀ ଏବଂ ବିସ୍ଫୋରକ ଦ୍ରବ୍ୟ ପ୍ରସ୍ତୁତି ତଥା ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ। ଏଭଳି ଦ୍ରବ୍ୟରେ ତିଆରି ହେଉଥିବା ଜଙ୍ଗଲର ବିଷାକ୍ତ ମଦ ପିଇ ଲୋକେ ବିଭିନ୍ନ ରୋଗର ଶିକାର ହେବା ସହିତ ମୃତ୍ୟୁ ମୁଖରେ ପଡ଼ିବା ଅଧିକ ସମ୍ଭାବନା ରହିଛି। ଏହି ମଦ ଏତେ ପରିମାଣରେ ବିଷାକ୍ତ ଯେ' ୧୦୦ ଗ୍ରାମର ଏକ ପକେଟ୍ ପ୍ରାୟ ୧୦ ଲିଟର ପାଣିରେ ମିଶାଇ ବ୍ୟବହାର କରାଯାଇଥାଏ। ପୁଲିସ ଓ ଅବକାରୀ ବିଭାଗ ଏଭଳି ବିଷାକ୍ତ ମଦ ବିକ୍ରି କରୁଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନ ସାଧାରଣରେ ଦାବି ହୋଇଛି। ଏନେଇ କୋକସରା ଅବକାରୀ ଥାନା ଓଆଇସି ଗୁପ୍ତେଶ୍ୱର ପୁଟେଲଙ୍କ ପ୍ରତିକ୍ରିୟା ନେବାରୁ ବର୍ତ୍ତମାନ ଏଭଳି କିଛି ଖବର ମିଳିନାହିଁ, ପୂର୍ବରୁ ଆମେ ଚଢ଼ଉ କରି ୨ ଜଣକୁ ଗିରଫ କରିଥିଲୁ। ଯଦି ସେମିତି କିଛି ହେଉଛି ଆମେ ଖବର ନେବା ସହିତ ଶୀଘ୍ର ଚଢ଼ଉ କରିବୁ ବୋଲି କହିଛନ୍ତି।

## ସ୍ୱନ୍ଦନଜିତ୍ ଉପଖଣ୍ଡସ୍ତରରେ ମାଟ୍ରିକ୍ ଟପ୍ପର

ରେଢ଼ାଖୋଲ, ୩।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡସ୍ତରରେ ଚଳିତ ମାଟ୍ରିକ



ପରୀକ୍ଷାରେ ଜଣେ ମନ୍ଦିର ପୂଜକଙ୍କ ପୁଅ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ରେଢ଼ାଖୋଲ ବ୍ଲକ ରେଙ୍ଗାଲି ବଡ଼ମାଲଗ୍ରାମବାସିନ୍ଦା ମନ୍ଦିର ପୂଜକ ରୁଦ୍ରପ୍ରସାଦ ଦେହୁରୀଙ୍କ ପୁଅ ସ୍ୱନ୍ଦନଜିତ ଦେହୁରୀ ଚଳିତ ମାଟ୍ରିକ ପରୀକ୍ଷାରେ ୫୬୬ ମାର୍କ ରଖି ୯୪% ଉପଖଣ୍ଡସ୍ତରରେ ଟପ୍ପର୍ ହୋଇଛନ୍ତି। ସ୍ୱନ୍ଦନଜିତ ରେଢ଼ାଖୋଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ତାଙ୍କର ସଫଳତା ପାଇଁ ବାପା ମାଆଙ୍କୁ ଶ୍ରେୟ ଦେବା ସହିତ ବିଦ୍ୟାଳୟରେ ଗୁରୁଜନଙ୍କ ପ୍ରିୟ ହେବା ତାଙ୍କର ଉପଦେଶ ପାଳନ କରିବା ସହିତ କଠିନ ପରିଶ୍ରମର ଫଳ ବୋଲି ପ୍ରତିକ୍ରିୟା ଦେଇଥିଲେ।

## କଳିଙ୍ଗ କଲେଜରେ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ରେଢ଼ାଖୋଲ, ୩।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କଳିଙ୍ଗ ବିଜ୍ଞାନ ଓ କଳା ଉଚ୍ଚ ବିଦ୍ୟାଳୟରେ ଗ୍ରୀଷ୍ମ କାଳୀନ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବୌଦ୍ଧ ଧ୍ରୁବ ଚରଣ ଘିବେଲା ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ରହିବା ସହିତ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବରେ କ୍ରୀଡ଼ା ଶିକ୍ଷକ କୃଷ୍ଣ ଚନ୍ଦ୍ର ସେଠୀ ଯୋଗଦେଇ ଛାତ୍ର ସମୟରେ ସଚେତନ ରହିଲେ ନିଶ୍ଚୟ ସଫଳତା ପାଇବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାକ୍ତନଶିକ୍ଷକ ବାସୁଦେବପୁର ଦେବରାଜ ନାୟକ ଛାତ୍ରଛାତ୍ରୀ ମାନେ ଯେମିତି ବାପାମାଆଙ୍କ ପ୍ରତି ଅବହେଳା ନ କରିବେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଅଧାପକ ଶ୍ୟାମ ସ୍ୱାଇଁ, ଅବସରପ୍ରାପ୍ତ ଅଧାପକ ରବିନାରାୟଣ ମାଝୀ, ଦଳ ବେହେରା ପିଲାଙ୍କୁ ଉତ୍ସାହିତ କରିବା ସହ କଲେଜର ବିବରଣୀ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ କଲେଜର ଚେୟାରମ୍ୟାନ୍ ପ୍ରକାଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଲେଜରୁ ଯୁକ୍ତ ଦୁଇ ପାସ କରିବା ପରେ ମେଡିକାଲ ପାଇଥିବା ଦୁଇ ଜଣ ଛାତ୍ର ଶ୍ରୀମାନ ସୂର୍ଯ୍ୟ ନାରାୟଣ ପ୍ରଧାନ ଏବଂ ସତ୍ୟପ୍ରିୟ ସୁନା ତଥା ଅଜିତ କୁମାର ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କଲେଜର ଅଧ୍ୟାପକ ବିପିନ୍ ମହାନନ୍ଦ ପରିଚାଳନା କରିଥିଲେ। ଶେଷରେ ଗ୍ରୀଷ୍ମକାଳୀନ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

